

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୧ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 APRIL 2022

Vol.No. 33 ■ No. 103 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ରୁଷର ଆକ୍ରମଣ ସତ୍ତ୍ୱେ ଲଢ଼େଇ ଜାରି ରଖିବୁ : ଜେଲେନସ୍କି

ନୂଆଦିଲ୍ଲୀ, ୨୦/୦୪ : ରୁଷ୍-ୟୁକ୍ରେନ୍ ଯୁଦ୍ଧ ୫୬ ଦିନରେ ପହଞ୍ଚିଛି । ଯୁଦ୍ଧ ଯେତେ ଆଗକୁ ବଢୁଛି, ସେତେ ଘାତକ ହୋଇଉଠୁଛି ରୁଷ୍ । ରୁଷ୍ ଏବେ ପୂର୍ବ ୟୁକ୍ରେନରେ ଆକ୍ରମଣକୁ ଜୋରଦାର କରିଦେଇଛି । ପୂର୍ବି ୟୁକ୍ରେନର ଡୋନବାସକୁ ଦଖଲ କରିବା ପାଇଁ ସେଠାରେ ଆକ୍ରମଣ ଆରମ୍ଭ କରିଦେଇଛି ରୁଷ୍ । କିଭ୍ ଦଖଲ କରିବାରେ ବିଫଳ ହେବାରୁ ରୁଷ୍ ଏବେ ପୂର୍ବ ୟୁକେନର ସହର ଗୁଡ଼ିକୁ ଟାର୍ଗେଟ୍ କରୁଛି । ରୁଷ୍ ଡୋନବାସରେ ୧୩ ପ୍ରତିଷ୍ଠାନ ଉପରେ ମିଜାଇଲ୍ ମାଡ଼ କରିଛି । ସେପଟେ ରୁଷର ଆକ୍ରମଣକୁ ନେଇ ଆଦୌ ଭୟଭୀତ ହୋଇନାହାନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡୋମିର ଜେଲେନସ୍କି । ସେ କହିଛନ୍ତି, ଡୋନବାସରେ ରୁଷ ଯେତେ ସଂଖ୍ୟକ ସୈନ୍ୟ ମୁତୟନ କଲେ ମଧ୍ୟ ଆମେ ଲଢ଼େଇ ଜାରି ରଖିବୁ ଏବଂ ନିଜକୁ ସୁରକ୍ଷା ଦେଇପାରିବୁ । ଅନ୍ୟପକ୍ଷରେ ରୁଷ୍, ୟୁକ୍ରେନର ୬୦ ସାମରିକ କ୍ଷେତ୍ର ଉପରେ ଏୟାରଷ୍ଟ୍ରାଇକ୍ କରିଛି । ସମଗ୍ର ୟୁକ୍ରେନରେ ରୁଷ୍ ଗୋଟିଏ ରାତି ଭିତରେ ୧୨୬୦ ଟାର୍ଗେଟ୍ ଧ୍ୱଂସ କରିଥିବା ଜଣାପଡ଼ିଛି । ସେପଟେ ରୁଷ୍ ସୈନ୍ୟ ପୂର୍ବ ୟୁକ୍ରେନର କ୍ରିମିନ୍ନା ସହରକୁ ଦଖଲ କରିନେଇଛି ଏବଂ ସେଠାରୁ ୟୁକ୍ରେନ୍ ସୈନ୍ୟ ପଛକୁ ହଟିଯାଇଛନ୍ତି ।

୬ଟି ଦେଶରୁ ଭୁବନେଶ୍ୱରକୁ ଚୋରା ଚାଲଣ ହେଉଥିଲା କୋକେନ୍

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ କୋକେନ ମିଳିବା ପରେ ଆଲୋଚନାର ବିଷୟ ହୋଇଥିଲା । ରାଜ୍ୟକୁ ଏହି ଦାମି ନିଶା ଦ୍ରବ୍ୟ କେଉଁଠୁ ଆସୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କୋକେନ କାରବାର କରୁଥିବା ୨ଜଣଙ୍କୁ ପଚରାଉଚୁରାବେଳେ ବିଦେଶୀ ଲିଙ୍କ୍ ଥିବା ନେଇ ଚର୍ଚ୍ଚା ହେଉଥିଲା । ଆଜି ସେହି ଚର୍ଚ୍ଚାକୁ ସ୍ପଷ୍ଟ କରିଛନ୍ତି କ୍ରାଇମବ୍ରାଂଚ ଏଡିଜି । ନିଶା ଦ୍ରବ୍ୟ ଭିତରେ ସବୁଠାରୁ ଦାମିକା ଓ ବିପଦଜନକ କୋକେନ ଭୁବନେଶ୍ୱରରୁ ମିଳିବା ପରେ ଏହା କେଉଁଠୁ ଆସିଲା ତାହା ଚର୍ଚ୍ଚାର ବିଷୟ ହୋଇଥିଲା । ରହସ୍ୟ ଉପରୁ ପରଦା ହଟାଇବା ପାଇଁ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ତଦନ୍ତ ଆରମ୍ଭ କରିଥିଲା କ୍ରାଇମବ୍ରାଂଚ । ଆଉ ୨ଜଣଙ୍କୁ ପଚରାଉଚୁରା ଓ ସେମାନଙ୍କ ମୋବାଇଲରୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି ତାହା ଚମକାଇ ଦେବା ଭଳି । କ୍ରାଇମବ୍ରାଂଚର ସୂଚନା ଅନୁସାରେ, ଚାଇନା, ଫ୍ରାନ୍ସ, ଆମେରିକା, ସ୍ୱିଜରଲ୍ୟାଣ୍ଡ, ଥାଇଲ୍ୟାଣ୍ଡ, ସାଉଥ ଆଫ୍ରିକାରୁ ଦିଲ୍ଲୀ ଆସୁଥିଲା ଏହି ଡ୍ରଗ୍ସ । ଦିଲ୍ଲୀରୁ ଓଡିଶା ଆସୁଥିଲା କୋକେନ । ରିମାଣ୍ଡରେ ଥିବା ୨ ଅଭିଯୁକ୍ତ ସନ୍ନି ଓ ରବିଙ୍କୁ ପଚରାଉଚୁରାବେଳେ ଜଣାପଡିଛି, ରାଜ୍ୟରେ ନିଶା କାରବାର ପାଇଁ ଏକ ବଡ ନେଟୱାର୍କ କାମ କରୁଛି । ଗିରଫ ଦୁଇ ଅଭିଯୁକ୍ତ ବିଦେଶୀ ଡ୍ରଗ୍ସ ପେଡଲରଙ୍କ ସହ ଯୋଗାଯୋଗରେ ଥିଲେ । ଅଭିଯୁକ୍ତ ଏକାଧିକ ମୋବାଇଲ ନମ୍ବରରେ କଥା ହୋଇ ଡିଲ୍ କରୁଥିଲା । ଲୋକେସନ ଟ୍ରାକ ଭୟରେ ଭିନ୍ନ ଭିନ୍ନ ନମ୍ବରରୁ କଥା ହେଉଥିଲେ ଡ୍ରଗ୍ସ ଦଲାଲ । କଲ ଡିଟେଲ୍ସରେ ପ୍ରମାଣ ନରଖିବା ପାଇଁ ହ୍ୱାଟସଆପ୍ ଓ ଟେଲିଗ୍ରାମକୁ ମାଧ୍ୟମ କରିଥିଲେ । ଆଗକୁ ଭୁବନେଶ୍ୱରରେ ହକି ବିଶ୍ୱ କପ୍ ଆୟୋଜିତ ହେବ । ଏହି ବିଶ୍ୱକପରେ ବହୁ ବିଦେଶୀ ନାଗରୀକ ରାଜଧାନୀକୁ ଆସିବାର ସମ୍ଭାବନା ରହିଛି । ଯାହାକୁ ଟାର୍ଗେଟ କରି କୋକେନ ମାଫିଆ ଭୁବନେଶ୍ୱରରେ ଏହି କାରବାର ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ଗତ ସପ୍ତାହରେ ରାଜଧାନୀରୁ ପ୍ରଥମ ଥର ପାଇଁ ୨୦୨ ଗ୍ରାମ ଓଜନର କୋକେନ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଥିଲା ଏସଟିଏଫ ।

ଉଚ୍ଛେଦ ହେଲା ମାଷ୍ଟରକ୍ୟାଂଟିନ୍ ଛକ ନିକଟ ତାରିଣୀ ମନ୍ଦିର

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ନିକଟରେ ଦୀର୍ଘ ବର୍ଷ ଧରି ଥିବା ତାରିଣୀ ମନ୍ଦିର ମାଟିରେ ମିଶିଛି । ବିଡିଏ, ବିଏମସି ଏନଫୋର୍ସମେଂଟ ଟିମ୍ ଦ୍ୱାରା ତାରିଣୀ ମନ୍ଦିରକୁ ଉଚ୍ଛେଦ କରାଯାଇଛି । ବୁଧବାର ଦିନ ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ରାସ୍ତା ପ୍ରଶସ୍ତ ପାଇଁ ଉଚ୍ଛେଦ ଚାଲିଥିଲା । ଏଥିରେ ବିଏମ୍‌ସି ଓ ବିଡିଏର ଏନଫୋର୍ସମେଂଟ ଟିମ୍ ନିୟୋଜିତ ଥିଲେ । ଏହି କ୍ରମରେ ମାଷ୍ଟରକ୍ୟାଂଟିନ୍ ଛକ ନିକଟରେ ଥିବା ତାରିଣୀ ମନ୍ଦିର ମଧ୍ୟ ଭଙ୍ଗା ଯାଇଛି । ଉଚ୍ଛେଦ ବେଳେ କିଛି ବ୍ୟବସାୟୀ ଓ ମନ୍ଦିର ପୂଜକମାନେ ବିରୋଧ କରିଥିଲେ ।ଏପରିକି କିଛି ସମୟ ପାଇଁ ଚାପା ଉତେଜନା ଲାଗିରହିଥିଲା ।

ଦିନକରେ ୬୦% ବଢ଼ିଲା ରାଜଧାନୀର କରୋନା ସଂକ୍ରମଣ : ୧୦୦୯ ଆକ୍ରାନ୍ତ ଚିହ୍ନଟ

ନୂଆଦିଲ୍ଲୀ, ୨୦/୦୪ : ପୁଣିଥରେ କାୟା ବିସ୍ତାର କରିବାରେ ଲାଗିଛି ମହାମାରୀ କରୋନା । ବିଶେଷ କରି ରାଜଧାନୀ ଦିଲ୍ଲୀରେ କରୋନାର ଦୈନିକ ସଂକ୍ରମଣ ରେକର୍ଡ କରିବାରେ ଲାଗିଛି । ଦିନକରେ ଦିଲ୍ଲୀର ଦୈନିକ ସଂକ୍ରମଣ ୬୦% ବୃଦ୍ଧି ପାଇଛି । ୨୪ ଘଣ୍ଟାରେ ୧୦୦୯ ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ସମସ୍ତଙ୍କ ଚିନ୍ତା ବଢ଼ିଛି । ଫେବୃଆରୀ ୧୦ରେ ଶେଷଥର ପାଇଁ ଦିଲ୍ଲୀରେ ୧ ହଜାରରୁ ଅଧିକ ଦୈନିକ ସଂକ୍ରମଣ ରେକର୍ଡ କରାଯାଇଥିଲା । ଏହାପରେ ସଂକ୍ରମଣ ହ୍ରାସ ପାଇଥିଲା । ତେବେ ଆଜି ପୁଣି ଦୈନିକ ସଂକ୍ରମଣ ୧ ହଜାର ପାର କରିଛି । କେବଳ ସଂକ୍ରମଣ ବଢ଼ିନି, ବରଂ ପଜିଟିଭିଟି ରେଟ୍ ମଧ୍ୟ ୫.୭%ରେ ପହଞ୍ଚି ଯାଇଛି । ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜଧାନୀରେ କରୋନା ସଂକ୍ରମଣ ସଂପୂର୍ଣ୍ଣ ହ୍ରାସ ପାଇଥିଲା । ହେଲେ ଏପ୍ରିଲ ୧୧ରୁ ୧୮ ମଧ୍ୟରେ ସଂକ୍ରମଣ ୩ ଗୁଣା ବଢ଼ିଛି । ସଂକ୍ରମଣ ବଢୁଥିଲେ ମଧ୍ୟ ହସ୍ପିଟାଲରେ ଭର୍ତ୍ତି ହେବା ଲୋକଙ୍କ ସଂଖ୍ୟା ବହୁତ କମ । ମୋଟ ସକ୍ରିୟ ମାମଲାର ୩%ରୁ କମ ଆକ୍ରାନ୍ତ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତଥାପି ସଂକ୍ରମଣ ବଢୁଥିବାରୁ ସରକାର ଲୋକଙ୍କୁ ସତର୍କ ରହିବାକୁ କହିଛନ୍ତି । ଦିଲ୍ଲୀରେ ସକ୍ରିୟ ରୋଗୀଙ୍କ ▶▶ପୃଷ୍ଠା ୭

କେନ୍ଦ୍ରୀୟ ଡେପୁଟେସନରେ ଆଇଜି ଯତୀନ୍ଦ୍ର କୋୟଲ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଇଜି ଯତୀନ୍ଦ୍ର କୋୟଲ । ଆଇଜି ପ୍ରୋଭିଜନିଂ ଥିବା ଯତୀନ୍ଦ୍ର କୋୟଲ ୫ ବର୍ଷ ପାଇଁ କେନ୍ଦ୍ରକୁ ଯିବେ । କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନରେ ଆଇଜି ଏସଏସବି ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି ।

ପୋଲିସ୍ ହେପାଜତରେ ମୃତ୍ୟୁ ଘଟଣାରେ ମାମଲା ରୁଜୁ କଲେ ଓଏଚଆରସି

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଭୁବନେଶ୍ୱର ବଡ଼ଗଡ଼ ଥାନା ପୋଲିସ ହେପାଜତରେ ମୃତ୍ୟୁ ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ରାଜ୍ୟ ମାନବାଧିକାର କମିଶନ ବା ଓଏଚଆରସି । ମାମଲା ରୁଜୁ ସହ ଘଟଣା ସଂପର୍କରେ ବିସ୍ତୃତ ବିବରଣୀ ଦେବାକୁ ପୋଲିସ କମିଶନରଙ୍କୁ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତୀ ଶୁଣାଣି ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଏଚଆରସି । ଏହି ଘଟଣାରେ ଗତକାଲି ତଦନ୍ତକାରୀ ଅଧିକାରୀ ଏସ୍‌କେ ବେହେରାଙ୍କୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ଜିଲ୍ଲା ଏଚଆରପିସି ସହ ସଂପୃକ୍ତ ଜଣେ ଇନ୍ସପେକ୍ଟର ରାଙ୍କର ଅଧିକାରୀ ଏହି ମୃତ୍ୟୁ ମାମଲାର ତଦନ୍ତ କରିବାକୁ କୁହାଯାଇଥିଲା ।ଏହାର ତଦାରଖ ଜଣେ ଅତିରିକ୍ତ ଡିସିପି ରାଙ୍କର ଅଧିକାରୀ କରିବେ । ତିନି ଦିନ ତଳେ ଚୋରି ଅଭିଯୋଗରେ ପ୍ରଦୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଧରିଥିଲା ପୋଲିସ୍ । ତେବେ ପୋଲିସ୍ ହେପାଜତରେ ତାଙ୍କ ମୃତ୍ୟୁ ହୋଇଥିଲା ।

ମାସ୍କ ନପିନ୍ଧିଲେ ୫୦୦ ଟଙ୍କା ଫାଇନ୍

ନୂଆଦିଲ୍ଲୀ, ୨୦/୦୪ : ଦେଶରେ ପୁଣି କାୟା ମେଲାଇଛି ସଂକ୍ରମଣ । ଏବେ କରୋନା ସଂକ୍ରମଣ ବଢିବା ଆରମ୍ଭ କରିଛି । ଦିଲ୍ଲୀରେ କରୋନା ମାମଲା ବଢୁଥିବାରୁ ରାଜ୍ୟ ସରକାର ସ୍କୁଲ ପିଲା ପାଇଁ ଏସଓପି ଜାରି କରିଛନ୍ତି । ମଙ୍ଗଳବାର ଦିଲ୍ଲୀରେ ୨୬ ପ୍ରତିଶତ କେସ୍ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟାରେ ୬୩୨ଟି ମାମଲା ସାମ୍ନାକୁ ଆସିଛି । ଫେବୃଆରୀ ୨୭ପରେ ଏହା ସର୍ବାଧିକ ମାମଲା ବୋଲି ଜଣାପଡ଼ିଛି । ଗତ କିଛି ଦିନ ଧରି ରାଜଧାନୀ ଦିଲ୍ଲୀରେ ମାମଲା ବୃଦ୍ଧି ପାଉଛି । ଶନିବାର ଦିନକରେ ୪୬ !ଟି ମାମଲା ରୁଜୁ ହୋଇଥିଲା । ସେହିପରି ରବିବାର ୫୦୦ଟି ମାମଲା ରେକର୍ଡ଼ କରାଯାଇଛି । ତେବେ ବୃଦ୍ଧି ପାଉଥିବା ସଂକ୍ରମଣକୁ ଦେଖି ଦିଲ୍ଲୀ ରାଜ୍ୟ ସରକାର ସ୍କୁଲ ପିଲାଙ୍କ ପାଇଁ କିଛି ଗାଇଡ୍‌ଲାଇନ୍ ଜାରି କରିଛନ୍ତି । ସ୍କୁଲ ଖୋଲା ରହିବ । ହେଲେ ସ୍କୁଲରେ ମାସ୍କ ବାଧ୍ୟତା ମୂଳକ କରାଯାଛି । କୋଭିଡ୍ ଟିକା ଉପରେ ଗୁରୁତ୍ୱ ଦିଆଯାଇଛି । ଦିଲ୍ଲୀ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷ ମାସ୍କ ନପିନ୍ଧିଲେ ୫୦୦ ଟଙ୍କା ଜରିମାନା ଘୋଷଣା କରିଛନ୍ତି । ଏସଓପି ସଠିକ୍ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ସାମାଜିକ ଦୂରତା ବଜାୟ ରଖିବା ପାଇଁ ମଧ୍ୟ ପ୍ରାଥମିକତା ଦିଆଯାଇଛି ।

ଦିଲ୍ଲୀ ଜାହାଙ୍ଗୀରପୁରୀରେ ପ୍ରଶାସନ ଦ୍ୱାରା ଅବୈଧ ଘର ଭାଙ୍ଗିବା ଘଟଣା: ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦/୦୪ : ଦିଲ୍ଲୀ ଜାହାଙ୍ଗୀରପୁରୀରେ ଜବରଦଖଲ ଉଚ୍ଛେଦ ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ଅବୈଧ ଘର, ଦୋକନ ବଜାର ଆଦି ଭଙ୍ଗାଯାଉଥିବା ବେଳେ ସୁପ୍ରିମକୋର୍ଟ ଏହି ଘର ଭଙ୍ଗା ଉପରେ ରୋକ୍ ଲଗାଇଛନ୍ତି । ନର୍ଥ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ବା ଏନଡିଏମସି ଓ ପିଡବ୍ଲୁଡିର ମିଳିତ ଜବରଦଖଲ ଉଚ୍ଛେଦ ଅଭିଯାନ ଉପରେ ଗୁରୁବାର ଦିନ ସୁପ୍ରିମକୋର୍ଟରେ ଶୁଣାଣୀ ହେବ । ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ଦର୍ଶାଇ ଉଚ୍ଛେଦ ଅଭିଯାନ ଉପରେ ରହିତାଦେଶ ଜାରି ଲାଗି ଆଗତ ପିଟିସନର ଶୁଣାଣୀ କରି କୋର୍ଟ ଏହି ରାୟ ଶୁଣାଇଛନ୍ତି । ଦିଲ୍ଲୀରେ ପ୍ରଶାସନ ବୁଲଡୋଜର ବୁଲାଇବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି ସନ୍ଦେହ କରାଯାଉଛି । ମେୟର କହିଛନ୍ତି ବେଆଇନ ▶▶ପୃଷ୍ଠା ୭

ସୌମ୍ୟରଂଜନ ଆତ୍ମହତ୍ୟା ମାମଲା : ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା'ଙ୍କ ନାରେ ମାମଲା ରୁଜୁ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ମଡେଲ ସୌମ୍ୟରଂଜନ ଆତ୍ମହତ୍ୟା ମାମଲାରେ ସୌମ୍ୟଙ୍କ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମାଙ୍କ ନାରେ ପୋଲିସ ମାମଲା ରୁଜୁ କରିଛି । ଇନଷ୍ଟାସିଟି ପୋଲିସ ଥାନାରେ ଏହି ମାମଲା ରୁଜୁ କରାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମାମଲା ରୁଜୁ ହୋଇଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତ ଜାନୁଆରୀ ୩୦ରେ ସୌମ୍ୟ ଆତ୍ମହତ୍ୟା କରିଥିଲେ । ତାଙ୍କ ସୁଇସାଇଡ଼ ନୋଟରେ ସେ ତାଙ୍କ ମୃତ୍ୟୁ ପାଇଁ ସୋନାଲିଙ୍କୁ ଦାୟୀ କରିଥିଲେ । ସୌମ୍ୟଙ୍କ ଭଉଣୀ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତେବେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲେ । ଶେଷରେ ପରିବାର ପକ୍ଷରୁ ଏନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଭୁବନେଶ୍ୱର ଡିସିପିଙ୍କୁ ଏନେଇ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଘଟଣାର ଅଢ଼େଇ ମାସ ପରେ ପୋଲିସ ଏବେ ମାମଲା ରୁଜୁ କରିଛି ।

ରହସ୍ୟ ଘେରରେ ସ୍ୱାସ୍ଥ୍ୟମନ୍ତ୍ରୀ ରୋଷେୟାଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଲଳିତ ସାହୁ, ଘର ଢେଙ୍କାନାଳ । ମନ୍ତ୍ରୀ ନବ ଦାସଙ୍କ ରୋଷେୟା ଭାବେ କାମ କରୁଥିଲେ । ୧୭ ତାରିଖରେ ମନ୍ତ୍ରୀଙ୍କ ଝାରସୁଗୁଡା ବାସଭବନ ପଛ ପଟେ ଥିବା ଷ୍ଟାଫ କ୍ୱାର୍ଟରୁ ଝୁଲନ୍ତା ଅବସ୍ଥାରେ ଲଳିତଙ୍କ ମୃତଦେହ ଉଦ୍ଧାର କରିଥିଲା ପୋଲିସ । ଆଉ ସେହି ଦିନ ରାତିରେ ତାଙ୍କର ଶବ ବ୍ୟବଚ୍ଛେଦ ହୋଇଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେପି । ନିୟମ ଅନୁସାରେ କୌଣସି ପ୍ରକାର ଜରୁରୀ ପରିସ୍ଥିତିରେ ଶବବ୍ୟବଚ୍ଛେଦ କରିବାକୁ ନିୟମ ଥିବାବେଳେ ଏମିତି କଣ ଜରୁରୀ ପରିସ୍ଥିତି ଥିଲା ବୋଲି ବିଜେପି ପ୍ରଶ୍ନ କରିଛି । ଏହି ଘଟଣାରେ ଥିବା ସମସ୍ତ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଦଳ । ଲଳିତଙ୍କ ସହ ତାଙ୍କ ବଡ ଭାଇ ଏକାଠି ରହୁଥିଲେ । ଘରକୁ ରାତିରେ ଫେରିବା ପରେ ସାନ ଭାଇ ଲଳିତଙ୍କ ମୃତ୍ୟୁ ହୋଇଛି ବୋଲି ଜାଣିବାକୁ ପାଇଥିଲେ । ଏହାପରେ ଝାରସୁଗୁଡା ଟାଉନ ଥାନାରେ ଏତଲା ଦେଇଥିଲେ । ଯେଉଁଥିରେ ସେ ଲେଖିଥିଲେ ଆଶିଷ ଧାର କରଜରେ ବୁଡି ରହିଥିଲେ । ଅନ୍ୟପଟେ ପୋଲିସର ସୂଚନା ଅନୁସାରେ ଲଳିତଙ୍କ ଆକାଉଂଟକୁ ବିଭିନ୍ନ ଲୋକେ ୭ ଲକ୍ଷ ଟଙ୍କା ପଠାଇଥିଲେ । ଯଦି ଧାର କରଜରେ ଲଳିତ ବୁଡି ରହି ଏଭଳି ଚରମ ପଦକ୍ଷେପ ନେଲେ ତାହାଲେ ରାତି ଅଧରେ କାହିଁକି ହେଲା ଶବ ବ୍ୟବଚ୍ଛେଦ ? କାହା ନିର୍ଦ୍ଦେଶରେ ନିୟମକୁ ଉଲ୍ଲଂଘନ କଲା ହସ୍ପିଟାଲ କର୍ତ୍ତୃପକ୍ଷ ? ଜବତ ହୋଇଥିବା ଲଳିତଙ୍କ ମୋବାଇଲ ଘଟଣା ଉପରୁ ପରଦା ହଟାଇବ ତ ?

ଲୋକସେବା ଭବନରେ ସାମ୍ବାଦିକଙ୍କୁ ଭେଦଭାବ !

ଅଧିକୃତ ସାମ୍ବାଦିକଙ୍କୁ ଅନୁମତି, କାର୍ଯ୍ୟରତ ସାମ୍ବାଦିକଙ୍କୁ କଟକଣା

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଦୀର୍ଘ ୨ ବର୍ଷ ପରେ ଗତ ୧୮ ତାରିଖରେ ଖୋଲିଲା ଲୋକସେବା ଭବନର ଫାଟକ । କିନ୍ତୁ ୱାର୍କିଂ ସାମ୍ବାଦିକଙ୍କୁ ରିପୋର୍ଟିଂ ପାଇଁ ଭିତରକୁ ଛଡାଗଲା ନାହିଁ । କେବଳ ଅଧିକୃତ ସାମ୍ବାଦିକ ଭିତରକୁ ଯାଇପାରିଲେ । ହେଲେ କାର୍ଯ୍ୟରତ ସାମ୍ବାଦିକ ଅର୍ଥାତ୍ ସବୁଦିନ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କୁ ଭିତରକୁ ଛଡା ଗଲା ନାହିଁ । ସରକାରୀ ତଥ୍ୟ ଅନୁସାରେ ଆକ୍ରିଡେନସନ ବା ଅଧିକୃତ ସାମ୍ବାଦିକଙ୍କ ସଂଖ୍ୟା ପାଖାପାଖି ୧୫୦ ହେବ । ଏହି ଅଧିକୃତ ସାମ୍ବାଦିକଙ୍କ ସଂଖ୍ୟା ଖୁବ କମ୍ ଏବଂ କୌଣସି ବୈଦ୍ୟୁତିକ କିମ୍ବା ଛାପା ଗଣମାଧ୍ୟମରେ ଏମାନେ କମ ସଂଖ୍ୟାରେ ଅଛନ୍ତି । ନିମଯିତ ଭାବେ ସେମାନେ ଲୋକସେବା ଭବନକୁ ରିପୋର୍ଟିଂ ପାଇଁ ମଧ୍ୟ ଆସନ୍ତି ନାହିଁ । ଏବେ ସବୁଠାରୁ ବଡ ପ୍ରଶ୍ନ ହେଉଛି, କାର୍ଯ୍ୟରତ ସାମ୍ବାଦିକଙ୍କୁ ରିପୋର୍ଟିଂ ପାଇଁ କାହିଁକି ଛଡାଯାଉନାହିଁ । ଲୋକସେବା ଭବନରେ ସାମ୍ବାଦିକଙ୍କ ପାଇଁ ପୂର୍ବରୁ ପାସ ବ୍ୟବସ୍ଥା ରହିଥିଲା । ଗୃହ, ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପାସ ଇସ୍ୟୁ କରାଯାଇ ପ୍ରତିବର୍ଷ ଏହାକୁ ନବୀକରଣ କରାଯାଉଥିଲା । ପ୍ରତ୍ୟେକ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର କେଉଁ ରିପୋର୍ଟର ଲୋକସେବା ଭବନକୁ ରିପୋର୍ଟିଂ କରିବାକୁ ଯିବ, ସେହି ଅନୁଷ୍ଠାନର ସଂପାଦକଙ୍କ ସୁପାରିଶ କ୍ରମେ ▶▶ପୃଷ୍ଠା ୭

ସଂକ୍ରମଣ ବଢିଲେ କଟକଣା ବଢ଼ାଇବା କଥା ଚିନ୍ତା କରାଯିବ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ସର୍ବ ଭାରତୀୟ ସ୍ତରରେ କରୋନା ସଂକ୍ରମଣ ମାମଲା କିଛି ପରିମାଣରେ ବଢୁଛି । ୪ ରୁ ୫ ରାଜ୍ୟରେ ବଢିବାରେ ଲାଗିଛି ।ମାତ୍ର ଆମ ଓଡିଶାରେ ସ୍ଥିତି ବର୍ତମାନ ସୁଦ୍ଧା ସେମିତି ଚିନ୍ତାଜନକ ନୁହେଁ । ସଂକ୍ରମଣ ବଢିଲେ ରାଜ୍ୟରେ କରୋନା କଟକଣା ବଢାଇବା କଥା ଚିନ୍ତା କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ କରୋନା ସଂକ୍ରମଣ ବଢୁଥିବାରୁ ରାଜ୍ୟ

ପିଡ଼ିଏସ ଚାଉଳ ବଂଟନକୁ ନେଇ ଉତ୍ତେଜନା: ଗୋଦାମ ଘରକୁ ତାଲା ପକାଇଲେ ସେଲ୍ସମ୍ୟାନ

ନୂଆପଡ଼ା,୨୦/୦୪ (ନି.ପ୍ର): ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଲୋକେ ସରକାରୀ କାର୍ଯ୍ୟାଳୟକୁ ତାଲା ପକାଇବା କଥା ଆମେ ବିଭିନ୍ନ ସମୟରେ ଦେଖିବାକୁ ପାଇଥାଉ କିନ୍ତୁ ଲୋକଙ୍କୁ ହଇରାଣ କରିବାକୁ ସରକାରୀ ଲୋକ ତାଲା ଦେବା ହୁଏତ ଶୁଣା ନଥିବ। କିନ୍ତୁ ଜଣେ ସେଲ୍ସମ୍ୟାନ ଗୋଦାମ ଘରକୁ ତାଲା ଦେଇ ଲୋକଙ୍କୁ ଚାଉଳ ଦେବାକୁ ମନା କରିବା ପରି ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ମଣ୍ଡୋସିଲ ଗ୍ରାମ ପଂଚାୟତରେ। ପିଡ଼ିଏସ ଚାଉଳ ବଣ୍ଟନକୁ ନେଇ ପଂଚାୟତ ବାସୀ ଓ ସେଲସମ୍ୟାନଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ବେଳେ ସେଲସ ମ୍ୟାନ ଗୋଦାମ ଘରକୁ ତାଲା ବନ୍ଦ କରିଦେଇଛନ୍ତି। ସୂଚନା ଅନୁସାରେ, ନିର୍ବାଚନ ସମୟରେ ବର୍ତମାନର ସରପଂଚ ସୁବାଶିନୀ ପାନ ପ୍ରତି ଗାଁରେ ପିଡ଼ିଏସ ସାମଗ୍ରୀ ବଂଟନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଏନେଇ ଆଜି ମଣ୍ଡୋସିଲ ଗ୍ରାମର ଲୋକେ ସରପଂଚଙ୍କୁ ଭେଟି ତାଙ୍କ ଗ୍ରାମ ଠାରୁ ଚଚରାଭଟାରେ ଥିବା ପଂଚାୟତ କାର୍ଯ୍ୟାଳୟ ତିନି କିଲୋମିଟର ପଡୁଥିବାରୁ ପ୍ରବଳ ଖରା ହେତୁ ଚାଉଳ ନେବାକୁ ପଂଚାୟତ କାର୍ଯ୍ୟାଳୟ ଆସିବା ସମ୍ଭବ ହେଉନାହିଁ, ତେଣୁ ପ୍ରତି ଗାଁ ରେ ବଣ୍ଟନ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହାକୁ ସେଲସ ମ୍ୟାନଙ୍କ ସମେତ କେତେ ଜଣ ୱାର୍ଡମେମ୍ବର ଓ ନାଏବ ସରପଂଚ ବିରୋଧ କରିଥିଲେ। ଫଳରେ ଲୋକଙ୍କ ସହ ସେଲସ ମ୍ୟାନ ଓ ନାଏବ ସରପଂଚ ନିତ୍ୟାନନ୍ଦ ଶବରଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏପରିକି ନାଏବ ସରପଂଚ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ପରେ ଉତକ୍ଷିପ୍ତ ହୋଇ କାହାକୁ ଚାଉଳ ଦେବେନି ବୋଲି କହି ସେଲସ ମ୍ୟାନ ଗୋଦାମ ଘରକୁ ତାଲା ଦେଇଥିଲେ। ସରପଂଚ ତାଲା ଖୋଲିବାକୁ କହିଲେ ମଧ୍ୟ ସେ ଶୁଣି ନଥିଲେ ଓ ଚାଲି ଯାଇଥିଲେ। ତାଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଂଚ ଦାବି କରିଛନ୍ତି।

ସ୍ୱାଭିମାନ ଅଂଚଳରେ ଜନସମ୍ପର୍କ ଶିବିର

ମାଲକାନଗିରି,୨୦/୦୪ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୂକ୍ତ ବର୍ତମାନର ସ୍ୱାଭିମାନ ଅଂଚଳରେ ପୂର୍ବରୁ ଲାଲ ବାହିନୀ ରାଜ କରି ତାଙ୍କ ଇସାରାରେ ଲୋକଙ୍କୁ ନଚାଉଥିଲେ। ଧୀରେ ଧୀରେ ଲୋକେ ବୁଝିପାରି ମାଓବାଦୀଙ୍କ ହାତ ଛାଡ଼ି ସରକାର, ଜିଲା ପ୍ରଶାସନ ତଥା ପୁଲିସ ପ୍ରଶାସନର ବିଶ୍ୱାସ ଭାଜନ ହୋଇ ଅଂଚଳର ଉନ୍ନତି ପାଇଁ ଜିଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ଫଳରେ ସ୍ୱାଭିମାନ ଅଂଚଳରେ ବିକାଶ ପାଦ ଧୀରେ ଧୀରେ ବଢ଼ି ବିକଶିତ ହେବାରେ ଲାଗିଛି। ଓଡିଶା ପୁଲିସ ସହାୟତାରେ ମାଲକାନଗିରି ଜିଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ଯୋଡ଼ାମ୍ବ ଥାନା ଆନୁକୂଲ୍ୟରେ ଏବଂ ଯୋଡ଼ାମ୍ବ ଥାନା ଅଧିକାରୀ ଅନିଲ କୁମାର ପରିଡାଙ୍କ ପରିଚାଳନାରେ ମାଲକାନଗିରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ ସିଙ୍ଗ, ମାଲକାନଗିରି ଏଏନ ଇନସ୍ପେକ୍ଟର ହିମାଂଶୁ ବିଶୋଇ ଏବଂ ସ୍ଥାନୀୟ ଅଣ୍ଡିରାପାଲି, ପଣଷପୁଟ ଓ ଯୋଡ଼ାମ୍ବ ପଂଚାୟତ ର ସରପଂଚ ଏବଂ ସମିତି ସଭ୍ୟଙ୍କ ଉପସ୍ଥିତିରେ ଅଣ୍ଡିରାପାଲି ପଂଚାୟତ ଅନ୍ତର୍ଭୁକ୍ତ ଅରାପଦର ଗ୍ରାମ ଠାରେ ସ୍ୱାଭିମାନ ଅଂଚଳର ଆଖ ପାଖ ପାଂଚ ଗୋଟି ପଂଚାୟତ ଯଥା ଯୋଡ଼ାମ୍ବ, ପଣଷପୁଟ, ଗାଜୁଲୁମାମୁଡ଼ି, ଅଣ୍ଡିରାପାଲି ଓ ଯନ୍ତ୍ରୀ ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ହଜାର ହଜାର ଜନସାଧାରଣଙ୍କୁ ନେଇ ଏକ ବିଶାଳ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ, ଯୁବ ଗୋଷ୍ଠୀଙ୍କ ନିମନ୍ତେ ଖେଳ ଉପକରଣ କିଟ ଯଥା ଭଲି, ଫୁଟବଲ ଓ କ୍ରିକେଟ ନିମନ୍ତେ ଖେଳ କିଟ ଉପକରଣ ପ୍ରଦାନ। ସେହିଭଳି କଳା ସଂସ୍କୃତିକୁ ବଜାୟ ରଖିବାକୁ ଗାଁ ଗାଁକୁ ବାଦ୍ୟ ଯନ୍ତ୍ର ପ୍ରଦାନ, ଛୋଟ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ, ବୟସ୍କ ବୃଦ୍ଧା ଓ ବୃଦ୍ଧି ମାନଙ୍କୁ ଛତା, କମଳ ଓ ଜୋତା ଇତ୍ୟାଦି ପ୍ରଦାନ ଏବଂ ମହିଳା ମାନଙ୍କୁ ଶାଢ଼ୀ ଓ କପଡ଼ା ପ୍ରଦାନ କରାଯିବା ସହିତ ସମସ୍ତ ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥଲା। ସ୍ୱାସ୍ଥ୍ୟ ଶିବିରରେ ୬୮୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିବା ବେଳେ ଉକ୍ତ ଜନ ସମ୍ପର୍କ କାର୍ଯ୍ୟକ୍ରମରେ ତିନି ହଜାରରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିଲେ।

ରାବଣବଧରେ ଶ୍ରୀକ୍ଷେତ୍ର ସାହିଯାତ ଶେଷ

ପୁରୀ,୨୦/୦୪ (ନି.ପ୍ର): ଶ୍ରୀରାମନବମୀ ଠାରୁ ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ ହୋଇଥିଲା। ପ୍ରଥମେ କାଳିକାଦେବୀ ସାହିରୁ ଯାତ୍ରା ଆରମ୍ଭ ହୋଇ ଗୌଡ଼ବାଡ଼ ସାହିରେ ରାବଣବଧ ନୀତିରେ ସାହିଯାତ ଶେଷ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ବାଲିସାହି ରାବଣ ବାହାରି ସାହି ପରିକ୍ରମା କରିବା ପରେ ଜନ୍ମେଶ୍ୱର ମନ୍ଦିର ନିକଟରେ ପହଂଚିଥିଲେ। ସେଠାରେ ରାବଣ ଯଜ୍ଞ କରିବା ପରେ ଭଗବତି କୋର୍ଟ ଯାଗାରେ ପହଂଚି ଆରାଧନା କରିଥିଲେ। ସେଠାରୁ ପଣା ଭୋଗ ପାଇବା ପରେ ସିଂହଦ୍ୱାରରେ ପତିତପାବନ ଦର୍ଶନ କରିଥିଲେ। ପରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ପହଂଚିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଦକ୍ଷିଣଘରୁ ଶ୍ରୀରାମ, ଲକ୍ଷ୍ମଣ ବିମାନ ଯୋଗେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ପହଂଚିଥିଲେ। ମଠ ପରିସରରେ ଶ୍ରୀରାମ ଓ ରାବଣଙ୍କ ମଧ୍ୟରେ ଯୁଦ୍ଧ ନୀତି ଅନୁଷ୍ଠିତ ହୋଇଥିଲା। ଶେଷରେ ରାବଣବଧ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ବାଲିସାହି ଆଖଡ଼ା ପକ୍ଷରୁ ନବଶିରା, ସପ୍ତଶିରା, କାଳିମେଢ, ଦୁର୍ଗାମେଢ, ନୃସିଂହ ମେଢ, ନାଗା ଓ ସମରକଳା ପ୍ରଦର୍ଶିତ ହୋଇଥିଲା।

ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର ,୨୦/୦୪ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ପୁଣ୍ଡ ହିଆଲ। ପୋଲିସ ସୁଚନା ଅନୁଯାଇ ନୁଆଗୁଡାର ପୁଣ୍ଡ ହିଆଲ ଏକ ବାଇକ ରେ ଦେଶି ମଦ ଚାଲାଣ କରୁଥିବା ବେଳେ ଜୟପୁର ସଦର ପୋଲିସ ବାରିଣିପୁଟ ଠାରେ ଚଢାଉ କରିଛି। ଚଢାଉ କରି ୧୨ ଲିଟର ଦେଶି ମଦ ଓ ବାଇକକୁ ଜବତ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି।

ବନା ଭଉଭୂମରେ ଚାଲଛି ଅଙ୍ଗନବାଡ଼ି କେନ୍ଦ୍ର

ଜୟପୁର,୨୦/୦୪ (ନି.ପ୍ର): ଉତମ ସ୍ୱାସ୍ଥ୍ୟ ଏବଂ ଉଚିତ ଶିକ୍ଷା ଯୋଗାଇବା ପାଇଁ ମା ଏବଂ ଶିଶୁଙ୍କ ପାଇଁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା।ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପ୍ରତିଗାଁରେ ଖୋଲିଛି ଅଙ୍ଗନବାଡ଼ି କେନ୍ଦ୍ର। କେନ୍ଦ୍ର ଗୁଡିକରେ ପୁଷ୍ଟିକର ଖାଦ୍ୟ ଏବଂ ମାଗଣା ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ହେଲେ ଆଜିବି ଅନେକ ସ୍ଥାନରେ ଅଙ୍ଗନବାଡ଼ି ଗୃହ ନାହିଁ। ଫଳରେ ବର୍ଷ ବର୍ଷ ଧରି ବାରଣ୍ଡାରେ ଶିଶୁଙ୍କ ଭବିଷ୍ୟତ ଗଠନ ହେଉଛି। ବୋରିଗୁମ୍ମା ବ୍ଲକ ବିଶୋଇପୁଟର ଏଭଳି ଚିତ୍ର ସାମ୍ନାକୁ ଆସିଛି। ଲକ୍ଷ୍ୟ ଠାରୁ ଦୂରରେ ସମନ୍ୱିତ ଶିଶୁ ବିକାଶ ଯୋଜନା। ମା ଓ ଶିଶୁଙ୍କ ପାଇଁ ହେଉଛି ମାଳ ମାଳ ଯୋଜନା, ହେଲେ ହୋଇପାରିନି ଉଚିତ ଭିତିଭୂମି। ଦିନେ କି ଦୁଇ ଦିନ ନୁହେଁ ବରଂ ୪ ବର୍ଷ ଧରି ଘର ବାରଣ୍ଡାରେ ଚାଲୁଛି ଶିଶୁଙ୍କ ଭବିଷ୍ୟତ ଗଢ଼ା।ଏଭଳି ଦୃଶ୍ୟ ସମ୍ନା କୁ ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଶୋଇପୁଟ ଗ୍ରାମରୁ। ଯେଉଁଠି ବର୍ଷ ବର୍ଷ ଧରି ଆଧିବାସୀ ଗରିବ କୁନି କୁନି ଶିଶୁ ମାନଙ୍କ ଉପରେ ପ୍ରଶାସନର ଦୃଷ୍ଟି ପଡୁନି। ଏହି ଗ୍ରାମରେ ଶିକ୍ଷା ଦାନ କରିବା ନିମନ୍ତେ ଅଙ୍ଗନବାଡ଼ି କର୍ମୀ ଅଛନ୍ତି। ଶିକ୍ଷା ଗ୍ରହଣ କରିବା ନିମନ୍ତେ କୁନି କୁନି ଶିଶୁ ବି ରହିଛନ୍ତି, ହେଲେ ଏମାନଙ୍କ ପାଇଁ ଅଙ୍ଗନବାଡି ଗୃହଟେ ନାହିଁ। ଏହି ଅଙ୍ଗନବାଡି କେନ୍ଦ୍ରରେ ୪୦ ଜଣ ଶିଶୁ,୧୧ ରୁ ଉର୍ଦ୍ଧ ପ୍ରସୁତି ମହିଳା ଏବଂ ୩ ଜଣ ଗର୍ବବତୀ ମହିଳା ରହିଛନ୍ତି। କେନ୍ଦ୍ରରେ ଦୈନିକ ୮୦ ଜଣଙ୍କ ପାଇଁ ରନ୍ଧା ଖାଦ୍ୟ, ଅଣ୍ଡା, ଛତୁଆ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ଅଙ୍ଗନବାଡି କେନ୍ଦ୍ରଟି ୪ ବର୍ଷ ହେବଣି ଭଙ୍ଗା ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳ ରେ ଅଙ୍ଗାୱାଡି କର୍ମୀ କୁନି କୁନି ଶିଶୁଙ୍କୁ ଅଙ୍ଗନବାଡି ହେଲ୍ପର ଘର ବାରଣ୍ଡାରେ ଶିକ୍ଷାଦାନ କରୁଥିଲେ। ବର୍ତମାନ ଗ୍ରାମବାସିଙ୍କ ଅନୁରୋଧରେ ନିକଟସ୍ଥ ବିଦ୍ୟାଳୟ ଏକ ଗୃହରେ ଶିକ୍ଷା ପ୍ରଦାନ କରାଯାଉଛି। ଏସବୁ ସମସ୍ୟା ବିଷୟରେ ବୋରିଗୁମ୍ମା ସିଡିପିଓଙ୍କୁ ଅବଗତ କରାଇଥିବା କାହିଛନ୍ତି ଅଙ୍ଗନବାଡି କର୍ମୀ ଏବଂ ହେଲ୍ପର।

ଦୁଃଖ ଏବଂ ପରୀତାପର ବିଷୟ ଯେ, ରାଜ୍ୟ ସରକାର ଆଦିବାସୀ ଅଂଚଳରେ ବିକାଶ ନିମନ୍ତେ ମାଳ ମାଳ ଯୋଜନା ଆଣୁଥିବା ବେଳେ ଯୋଜନା ଲୋକଙ୍କ ପାଖକୁ ପହଁଚିଲା ବେଳକୁ ଉଭାନ ହେଇଯାଉଛି। ଦୀର୍ଘ ୫ ବର୍ଷ ଧରି ବ୍ଲକ ପ୍ରଶାସନକୁ ଏବଂ ଆଇସିଡିଏସ ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ ବି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି ବିଶୋଇପୁଟ ଗ୍ରାମବାସୀ। କେଉଁଥି ପାଇଁ କୁନି କୁନି ଶିଶୁଙ୍କ ଭବିଷ୍ୟତ ସହ ଖେଳା ଯାଉଛି। କେଉଁଠି ଅପପୁଷ୍ଟିର ଶିକାର ହେଉଛନ୍ତି ତ କେଉଁଠି ଭିତିଭୂମି ଅଭାବ ଯୋଗୁ ଶିକ୍ଷା ଏବଂ ବିଭିନ୍ନ ପ୍ରକାର ଖେଳକୁଦରୁ ବଂଚିତ ହେଉଛନ୍ତି। ଯାହାକୁ ନେଇ ପରିଚାଳନା ଉପରେ ପ୍ରଶ୍ନ ଉଠୁଛି। ଖବର ପ୍ରସାରଣ ପରେ ଏଥିପ୍ରତି ସରକାର ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ କୁନି କୁନି ଶିଶୁମାନଙ୍କୁ ଉତମ ଭିତିଭୂମି ପ୍ରଦାନ ଦିଗରେ ଯତ୍ନବାନ ହେବେ ବୋଲି ଆଶା କରାଯାଉଛି।

କାଗଜକଳ ଓ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରନ୍ତୁ: ସିପିଆଇ

ଜୟପୁର ,୨୦/୦୪ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ କାରଖାନା ର ଚାରୋଟି ଯାକ ସଂଘ ପକ୍ଷରୁ ଏକ ଲିଖିତ ନିବେଦନ ପତ୍ର ସମସ୍ତ ଦଳ ଓ ସଂଗଠନ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ସଂଗଠନ ମାନେ କୈ।ଣସି ନୂତନ ଦାବି କରୁନାହାଁନ୍ତି। ବିଜିପିପିଏଲ୍ ରେ ଯେଉଁ ଦରମା ଓ ଚାକିରୀ ସର୍ତ୍ତାବଳୀ ଥିଲା ତାକୁ ନୂଆ କମ୍ପାନୀ ମ୍ୟାନେଜମେଣ୍ଟ ଲାଗୁ କରୁ। ବକେୟା ପାଉଣା ଏବଂ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପାଉଣା ହିସାବ କରି କେବେ ଓ କିଭଳି ଦିଆଯିବ ସ୍ପଷ୍ଟ କରନ୍ତୁ। ଶ୍ରମିକ କର୍ମଚାରୀ ଓ ମିଳିତ କାର୍ଯ୍ୟକାରୀ କମିଟି ର ଏହି ଦାବି ଯଥାର୍ଥ ଏବଂ ନ୍ୟାୟସଙ୍ଗତ। ନୂଆ କମ୍ପାନୀ ଏହି କାଗଜ କଳ କୁ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁସାରେ କିଣିଥିବା ଦେଖେଇ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ଜୁନ୍ ୦୮,୨୦୨୦ରେ ୧୫୦ କୋଟି ଋଣ ନେଇଛି ଏବଂ ଆଉ ୨୦୦ କୋଟି ମଞ୍ଜୁର ହୋଇଥିବା ଶୁଣାଯାଉଛି। ଗୋଟିଏ ରୁଗଣ ଶିଳ୍ପ କୁ ଚଲେଇବା ପାଇଁ ବ୍ୟାଙ୍କ କେଉଁ ଆଧାରରେ ଏତେ ଟଙ୍କା ଋଣ ଦେଲା , ବିଟିଏ ରେ ଶ୍ରମିକ କର୍ମଚାରୀ ଙ୍କ ବିଷୟରେ କ'ଣ ଲେଖା ଯାଇଛି , ଋଣ ନେବାପରେ ଓଡ଼ିଶା ସରକାରଙ୍କ ପାଖରେ ନୋ ଅବଜେକ୍ସନ୍ ସାର୍ଟିଫିକେଟ ପାଇଁ ଆବେଦନ କରିଥିଲା ଏବଂ ଏନ୍ ଓ ସି ନେବା ପରେ ଶ୍ରମିକ ମାନଙ୍କ ନ୍ୟାୟୋଚିତ ଆବେଦନ କୁ ଅଣଦେଖା କରି କେଉଁ ଆଧାରରେ ପୁଣି କ୍ଲୋଜର୍ କରିବାର ଧମକ କମ୍ପାନୀ ଦେଉଛି ତାଉପରେ ସିପିଆଇ ପ୍ରଶ୍ନ କରିଛି। ଏଥି ମଧ୍ୟରେ ତିନି ମାସ ହେଲା ଅଗ୍ରୀମ ଦରମା ମଧ୍ୟ ଦେଇନାହିଁ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଶ୍ରମିକ ମାନଙ୍କ ସ୍ୱାର୍ଥ ରକ୍ଷା ସହ କମ୍ପାନୀ କୁ ଚାଲୁ କରାଯାଉ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦାବି କରିଛି। ଏ କାରଖାନାରେ ଘଟୁଥିବା ଘଟଣାବଳୀ ଉପରେ ନଜର ରଖିବା ସହ ଆଗାମୀ କାଲି ଶ୍ରମ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ଥିରୀକୃତ ବୈଠକରେ ଶ୍ରମିକ ମାନଙ୍କ ସ୍ୱାର୍ଥ ରକ୍ଷା ସହ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଆଜିର ସାମ୍ବାଦିକ ସମ୍ମିଳନୀ ରେ ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ପ୍ରମୋଦ କୁମାର ମହାନ୍ତି, ସତ୍ୟ ବ୍ରତ ନନ୍ଦ , ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ୨୫ରେ ପଦଯାତ୍ରା

କେନ୍ଦ୍ରାପଡ଼ା,୨୦/୦୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିଟିର ସମ୍ପାଦକ ଆଡଭୋକେଟ ରମଣୀ ରଞ୍ଜନ ରାଉତରାୟ ସୂଚନା ପ୍ରଦାନ କରି ବର୍ତମାନ ରାଜ୍ୟ ଓ କେନ୍ଦ୍ର ସରକାରମାନେ ଖାଲି ସ୍ୱାସ୍ଥ୍ୟ ସେବାର ବିକାଶ କଥା ଚିନ୍ତା କରୁଥିବାବେଳେ ପ୍ରକୃତରେ ସ୍ୱାସ୍ଥ୍ୟ ସେବାରେ ବହୁ ପଛରେ ପଡ଼ିଥିବା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। କେନ୍ଦ୍ରାପଡ଼ାରେ ଜାତୀୟ ରାଜପଥ ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ରୋଗୀଙ୍କୁ କଟକ, ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡ଼େ, ଯାହା ଫଳରେ ବାଟରେ ଗଲାବେଳେ ରୋଗୀ ପ୍ରାଣତ୍ୟାଗ କରୁଛନ୍ତି, କେନ୍ଦ୍ରାପଡ଼ାରେ ଗୋଟିଏ ଡାଇଲେସିସ୍ ମେସିନ୍‌ଟିଏ ନାହିଁ ଜଟିଳ ରୋଗୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡ଼େ, ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅଗ୍ରଗତି କଲେ ମଧ୍ୟ ତାହାର ସୁଫଳ ଆମ ଜିଲ୍ଲାକୁ ମିଳିଲା ନାହିଁ ତେବେ ଏଥିପାଇଁ ଦୁର୍ବାର ଅଧିକାର ଆନ୍ଦୋଳନ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ ତାରିଖରେ ୮.୩୦ ମିନିଟିରେ ଏକ ପଦଯାତ୍ରା ଇଚ୍ଛାପୁର ବଳଦେବଜୀଉଙ୍କ ମନ୍ଦିର ନିକଟରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବ। ଏହାକୁ ସଫଳ କରିବା ପାଇଁ ସମସ୍ତ ଜନ ସାଧାରଣ ଛାତ୍ର, ଛାତ୍ରୀ ମହିଳା, ବୁଦ୍ଧିଜୀବୀ, ଆଇନଜୀବୀ, ବିଧାୟକ, ସାଂସଦ, ପୂର୍ବତନ ବିଧାୟକ, ବିଭିନ୍ନ ଗଣ ସଙ୍ଗଠନ ସାମିଲ ହେବାକୁ ଦଳ ମତ ନିର୍ବିଶେଷରେ ନିବେଦନ କରାଯାଇଛି। ଉକ୍ତ ବୈଠକରେ ବିଶିଷ୍ଟ ବ୍ୟକ୍ତି ଭାବେ ପ୍ରଫୁଲ କୁମାର ଦାଶ, ଗୟାଧର ଧଳ, ଫକିର ଚରଣ ଖଟୁଆ, ବସନ୍ତ କୁମାର ମଲିକ, ଗୋପାଳକୃଷ୍ଣ ଜେନା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ଅମୀୟ ନାୟକ, ସୀତାକାନ୍ତ ନାୟକ, ଧରଣୀଧର ସାହୁ, ମହେଶ୍ୱର ମଣ୍ଡଳ, ପ୍ରିୟରଞ୍ଜନ ଜେନା ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ସଫଳତା ପାଇଁ ନିବେଦନ କରିଛନ୍ତି।

ନିଳାଗୁଡାରେ ଚଢାଉ: ୭ଟି ମଦ ଭାଟି ଭାଙ୍ଗିବା ସହ ମଦ ଓ ପୋଚ ଜବତ

ଜୟପୁର ,୨୦/୦୪ (ନି.ପ୍ର): ଜୟପୁର ସଦର ଥାନା ଆନ୍ତର୍ଗତ ନିଳିଗୁଡା ଜଙ୍ଗଲ ଉପରେ ଚଢାଉ ହୋଇଛି। ନିଳାଗୁଡାରେ ମଦ ମାଫିଆ ମାନେ ମଦ ପ୍ରସ୍ତୁତ କରିଥିବା ସୁଚନା ପାଇ ଜୟପୁର ଅବକାରି ବିଭାଗ ଓ ସଦର ପୋଲିସ ର ମିଳିତ ଚଢାଉ କରିଥିଲେ। ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଜଙ୍ଗଲରୁ ଚମ୍ପଟ ମାରିଥିବା ବେଳେ ୭ଟି ମଦ ଭାଟି କୁ ଏହି ଚଢାଉରେ ଭଙ୍ଗାଯାଇଛି। ୪ ହଜାର ୩ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି। ଘଟଣା ସ୍ଥଳରୁ ମଦରନ୍ଦା ସରଞ୍ଜାମ, ଡ୍ରମ, ପ୍ଲାଷ୍ଟିକ ଡ୍ରମକୁ ଜବତ କରିଥିବା ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି।

ଜୀବିକା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୦/୦୪ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ପଂଚାୟତ ଜିପିଏଲପି ଗୃହ କକ୍ଷରେ ଚିତ୍ରକୋଣ୍ଡା ବ୍ଲ

ଗରମରେ ସତର୍କତା

ଗରମର ପ୍ରକୋପ ଆରମ୍ଭ ହେଲାଣି । ଏଣୁ ପ୍ରତ୍ୟେକ ବର୍ଗ ଓ ବୟସର ଲୋକେ ଏଥିପାଇଁ ସଚେତନ ରହିବା ଆବଶ୍ୟକ । ପିଲା, ଯୁବପିଢ଼ି ଓ ବୟସ୍କ ଦିନ ୧୦ଟା ପରେ ଯଥାସମ୍ଭବ କମ ବାହାରକୁ ଯିବା ନିମନ୍ତେ ଚେଷ୍ଟା କରନ୍ତୁ । ଭାରତୀୟ ଆୟୁର୍ବେଦ ସଂଘ ଏନେଇ କେତେକ ଜରୁରୀ ତଥ୍ୟ ପ୍ରକାଶ କରିଛି ।

- ♦ଶୋଷ ନ ଲାଗିବା ସତ୍ତ୍ୱେ ପାଣି ପିଇବା ଉଚିତ । କାରଣ ଗରମରେ ଶରୀରରୁ ଜଳୀୟଅଂଶ ହ୍ରାସ ପାଇଥାଏ ।
- ♦ଭୋଜନ କରିବାର ୩୦ମିନିଟ୍ ପୂର୍ବରୁ ୧ ଗିଲାସ ପାଣି ପିଇବା ଉଚିତ ।
- ♦ଅତି ଆବଶ୍ୟକ ପଡ଼ିଲେ ଦିନବେଳା ବାହରକୁ ଯାଇପାରନ୍ତି । ହେଲେ ସାଥିରେ ପାଣିବୋତଲ, ଛତା ନେବା ନିତାନ୍ତ ଜରୁରୀ ।
- ♦ପ୍ରତି୨-୩ ଘଣ୍ଟାରେ ଥରେ ଲେମ୍ବୁ-ଲୁଣ ମିଶା ପାଣି ପିଇବା ଆବଶ୍ୟକ । ଏହା ମ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ ।
- ♦କାକୁଡ଼ି, ଗାଜର, ଦହି ସାଲାଡ୍ ନିୟମିତ ଭାବେ ଦ୍ୱିପ୍ରହର ଭୋଜନରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା ପେଟ ଥଣ୍ଡା ରଖିବା ସହ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ ରଖେ ।
- ♦ସକାଳୁ ଉଠିବା ପରେ ପାଣି ୧ଗିଲାସ ପ୍ରତ୍ୟେକ ବର୍ଗର ଲୋକେ ପିଇବା ଶରୀର ପାଇଁ ମହୌଷଧି ଅଟେ ।

ଶରୀର ପାଇଁ ହିତକାରୀ ତମ୍ବା

ଏକବିଂଶ ଶତାବ୍ଦୀର ଲୋକେ ଚାକଚକ୍ୟ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଲୋକେ କଂସା ତମ୍ବା, ରୂପା ବାସନକୁ ଭୁଲି ଏବର ଯୁଗୋପଯୋଗୀ କାଚ ଓ ମେଲାମାଇନ ଥାଳିରେ ଭୋଜନ କରିବାକୁ ପସନ୍ଦ କରୁଛନ୍ତି । ପୂର୍ବେ ଲୋକେ ବିଭିନ୍ନ ଧାତୁରେ ପ୍ରସ୍ତୁତ ବାସନକୁସନରେ ଖାଦ୍ୟ ରାନ୍ଧିବା ସହ ସେହି ପାତ୍ରରେ ଭୋଜନ କରୁଥିବାରୁ ଏକ ସୁସ୍ଥ ଓ ନୀରୋଗ ଜୀବନଶୈଳୀ ଅତିବାହିତ କରୁଥିଲେ । ଆମ ପ୍ରାଚୀନ ପରମ୍ପରା ଅନୁସାରେ ତମ୍ବା ଧାତୁର ପ୍ରୟୋଗକୁ ଶୁଭ ଓ ପବିତ୍ର ଭାବେ ଗ୍ରହଣ କରାଯାଇଛି । ବିଭିନ୍ନ ଅନୁସନ୍ଧାନରୁ ପ୍ରକାଶ ଯେ ତମ୍ବା ଧାତୁ ପ୍ରସ୍ତୁତ ବାସନରେ ପାଣି ପିଇଲେ ଶରୀରରୁ ବିଭିନ୍ନ ପୋଷକ ତତ୍ତ୍ୱର ଅଭାବ ପୋଷକତତ୍ତ୍ୱର ଅଭାବ ଦୂର ହୋଇଥା, । ତମ୍ବା ଧାତୁରେ ପ୍ରଚୁର ପରିମାଣରେ ଔଷଧୀୟ ଗୁଣ ରହିଛି । ଏବେ ମଧ୍ୟ କେରଳରେ ଶିଶୁମାନଙ୍କୁ ସେମାନଙ୍କ ପ୍ରଥମ ଭୋଜନ ତମ୍ବା ପାତ୍ରରେ କରାଯିବାର ପରମ୍ପରା ରହିଛି । ୭ବର୍ଷ ହେଲା ପର୍ଯ୍ୟନ୍ତ ପିଲାଙ୍କୁ ଏହି ତମ୍ବା ବାସନରେ ଭୋଜନ କରାଯାଏ । ଏହା ଦ୍ୱାରା ସେମାନଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞ ଏନ ମାଥୁର କହିଛନ୍ତି । ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଧ୍ୟାନରେ ରଖନ୍ତୁ ଯେ ତମ୍ବା ପାତ୍ରରେ ପାଣି ପିଇବା ସେମାନଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ । ନିୟମିତ ଭାବେ ଏହି ପାତ୍ରରେ ଭୋଜନ କରିବା ଦ୍ୱାରା ତ୍ୱଚାରେ ବୟସର ଛାପ କମ ହୋଇଥାଏ । ପିଲାଙ୍କ ଠାରୁ ବୟସ୍କ ସମସ୍ତେ ତମ୍ବା ପାତ୍ରରେ ଭୋଜନ କରିବା ଦ୍ୱାରା ସ୍ମୃତିଶକ୍ତି ବୃଦ୍ଧି ହୋଇଥାଏ ବୋଲି ଗବେଷଣାରୁ ପ୍ରମାଣିତ । ତମ୍ବା ପତ୍ରରେ ପାଣି ପିଇଲେ ପେଟ ସମସ୍ୟା ଦୂର ହେବା ସହ ଯକୃତ ଓ ବୃକକ୍ ମଧ୍ୟ ସୁସ୍ଥ ରହିଥାଏ ।

ସଂକଟରେ ଭାରତୀୟ ହିମ ନଦୀ

ଭାରତରେ ପ୍ରବାହିତ ତୁଷାର ବା ହିମ ନଦୀଗୁଡ଼ିକ ଏବେ ସଂକଟରେ । ବର୍ଷକୁ ପାଞ୍ଚରୁ କୋଡ଼ିଏ ମିଟର ଳମ୍ବ ପର୍ଯ୍ୟନ୍ତ ଏଗୁଡ଼ିକ ଦ୍ରୁତ ଗତିରେ ତରଳୁଛି । ଏହା ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ଓ ପରିବେ ଅସନ୍ତୁଳନର କାରଣ ହୋଇପାରେ । ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ୱାଦିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଜିଓଲୋଜିର ପରିବେଶ ବିଜ୍ଞାନେ , ଭଳି ଆଙ୍କା କରିଛନ୍ତି । ଭାଗୀରଥି, ଗଙ୍ଗୋତ୍ରୀ, ଅଳକାନନ୍ଦା ଆଦି ଚିତରସ୍ରୋତା ନଦୀଗୁଡ଼ିକରୁ ବାହାରରିଥିବା ଅନେକ ଛୋଟ ଛେଶଟ ତୁଷାରନଦୀଗୁଡ଼ିକର ଗତିପଥକୁ ରିମୋଟ ସେନସିଙ୍ଗ ପଦ୍ଧତିରେ ଅନୁଧ୍ୟାନ ପରେ ଏହି ତଥ୍ୟ ମିଳିଛି ।

ଉଠ୍ ବସାହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

ଚକୋଲେଟ୍ ଉତ୍ସବ

କେବଳ ବିଭିନ୍ନ କିସମର ଓ ସୁଆଦର ଚକୋଲେୟ୍ ପାଇଁ ବେଲଜିୟମ ଆଜି ବିଶ୍ୱସ୍ତରରେ ଲୋକପ୍ରିୟ ପ୍ରତିବର୍ଷ ପରି ଚଳିତଥର ମଧ୍ୟ ସେଠାରେ ଚକୋଲେଟ୍ ଉତ୍ସବ ପାଳିତ ହେଉଛି । କୋଟି କୋଟି ଟଙ୍କା ଏଥିରେ ବ୍ୟୟ ହୋଇଥିବାବେଳେ ପର୍ଯ୍ୟଟକ ରୀତିମତ ଏଠାରେ ଭିଡ଼ ବଢ଼ାଇବାର ଆଶା କରାଯାଉଛି । ୧ ସପ୍ତାହ ବ୍ୟପୀ ପାଳିତ ହେଉଥିବା ଏଇ ଉତ୍ସବରେ ଚକୋଲେଟ୍ ଘର, ଗାଡ଼ି, ବିମାନ ସବୁକିଛି ନିର୍ମାଣ କରାଯିବ ବୋଲି ସ୍ପଷ୍ଟ ହୋଇଛି । ଏଥରକ ବେଲଜିୟମ ଉତ୍ସବର ମୁଖ୍ୟ ଆକର୍ଷଣ ହେଉଛି

ଚକୋଲେଟ୍ ନିର୍ମିତ ଜୀବଜନ୍ତୁ । ଚକୋଲେଟରେ ମୋଟ୍ ୫୦ଟି ପ୍ରତିମୂର୍ତ୍ତି ତିଆରି କରାଯାଇଥିବାବେଳେ ଗରିଲା, ହାତୀ ଓ ସିଂହର ଚକୋଲେଟ୍ ମୂର୍ତ୍ତି ଦର୍ଶକଙ୍କୁ ସବୁଠୁ ଅଧିକ ଆକୃଷ୍ଟ କରୁଛି । ଚକୋଲେଟ୍ ହ୍ରଦ ମଧ୍ୟ ଏଥରକର ଅନ୍ୟତମ ମୁଖ୍ୟ ଆକର୍ଷଣ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୪୦ ଜଣ ଚକୋଲେଟ୍ କାରିଗର ଦେଢ଼ ମାସ ହେଲାଣି ଏହି ଉତ୍ସବର ପ୍ରାକ୍ ପ୍ରସ୍ତୁତି କାମରେ ବ୍ୟସ୍ତ ଥିଲେ ।

ସଜନା ପତ୍ରର ଔଷଧୀୟ ଗୁଣ ବିଷୟରେ ଜାଣନ୍ତୁ

ସଜନା ପତ୍ରରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଦ୍ୱାରା ଅନେକ ଲାଭ ମିଳିଥାଏ। ଆସନ୍ତୁ ଜାଣିବା ସଜନା ପତ୍ର ଖାଇବା ଦ୍ୱାରା କ'ଣ କ'ଣ ଲାଭ ମିଳିଥାଏ।

ମଧୁମେହ ରୋଗୀଙ୍କ ପାଇଁ ସଜନା ପତ୍ର ବହୁତ ଉପଯୋଗୀ ହୋଇଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ରହିଥାଏ, ଯେଉଁଥିପାଇଁ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ । ଏପରି ପରିସ୍ଥିତିରେ ଆପଣଙ୍କୁ ଡାଏଟରେ ସଜନା ପତ୍ର ନିହାତି ସାମିଲ କରିବା ଉଚିତ।

ସଜନା ପତ୍ର ଆପଣଙ୍କ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ତିଆରି କରେ ନାହିଁ । ଏହି ପତ୍ରଗୁଡ଼ିକରେ ଉଚିତ ପରିମାଣର ଓମେଗା -୩ ଫ୍ୟାଟି ଏସିଡ୍ ରହିଥାଏ। ଯାହା କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରିଥାଏ। ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିବାରେ ସାହାଯ୍ୟ କରିଥାଏ। ଏଥିସହିତ ସଜନା ପତ୍ରରେ ଉଚିତ ପରିମାଣରେ ପୋଟାସିୟମ୍ ରହିଥାଏ। ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏତଦ ବ୍ୟତୀତ ସଜନା ପତ୍ର ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ। ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ବି ସଜନା ପତ୍ର ବହୁ ସହାୟକ ହୋଇଥାଏ।

ତରଭୁଜର କରାମତି

ଖରାଦିନିଆ ଫଳ ଭାବେ ଜଣାଯାଉଥିବା ତରଭୁଜ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ । ଏହି ଫଳ ସହ ଏହାର ଚୋପା ମଧ୍ୟ ଖୁବ୍ ଉପକାରୀ । ଆଣ୍ଟିଅକ୍ସିଡାଣ୍ଟ ଭରପୂର ତରଭୁଜର ଚୋପାକୁ ସାଲାଡ ଭାବେ ଜାପାନର ପ୍ରତ୍ୟେକ ପ୍ରାନ୍ତର ଲୋକେ ଖାଉଥିବାର ପ୍ରକାଶ ।

- •ତରଭୁଜ ଚୋପାକୁ ମଧ୍ୟ ଗ୍ରାଇଣ୍ଡରରେ ବାଟି ରସ ପରି ପିଇବା ଉପକାରୀ । ନିୟମିତ ଏପରି କଲେ ଓଜନ ନିୟନ୍ତ୍ରିତ ଏପରି କଲେ ଓଜନ ନିୟନ୍ତ୍ରିତ ରହିବା ସହ ତ୍ୱଚାର ରଙ୍ଗ ସଫା ହୋଇଥାଏ ।
- •ଭିଟାମିନ ଏ, ସି, ଲାଇକୋପିନ ଭରପୂର ଥିବା ତରଭୁଜକୁ ଖାଇବା ଦ୍ୱାରା ତ୍ୱଚା ସମ୍ପର୍କିତ ବିଭିନ୍ନ ରୋଗ ଦୂର ହୋଇଥାଏ । ବୋଲି ପରୀକ୍ଷାରୁ ଜଣାପଡ଼ିଛି ।
- •ବୃକକ୍ ଜନିତ ରୋଗରୁ ରକ୍ଷା ପାଇବା ନିମନ୍ତେ ତରଭୁଜ ଚୋପାର ରସ ପିଇବା ଖୁବ୍ ଉପକାରୀ ।
- •ଭଲ ନିଦ ପାଇଁ ତରଭୁଜ ଚୋପାର ରସ ପିଇବା ଖୁବ୍ ଉପକାରୀ । ଭଲ ନିଦ ପାଇଁ ତରଭୁଜ ଚୋପା ମହୌଷଧି ଭାବେ କାମ କରେ । ୧ ସପ୍ତାହ ତରଭୁଜ ଚୋପା ଖାଇବା ପରେ ଫରକ୍ ଜାଣିବାରିବେ ।

ଆମ୍ବ ଖାଇବାର ମଜା

ସୁଆଦିଆ ଆମ୍ବର ଆଦର ଗ୍ରୀଷ୍ମରେ ସବୁଠୁ ଅଧିକ । ଭାରତରେ ସଂଖ୍ୟାଧିକ ପ୍ରଜାତିର ଆମ୍ବ ଫଳିଥାଏ । ଏଇ ସମୟରେ ବିଦୋକୁ ମଧ୍ୟ ଲକ୍ଷ୍ୟାଧିକ ଟଙ୍କା ର ଆମ୍ବ ରପ୍ତାନୀ ହୋଇଥାଏ । ପୋଷକତ୍ତ୍ୱ ଭରପୂର ଏଇ ଫଳକୁ ଖାଇ ମଜା ନିଅନ୍ତୁ ।

- ◻ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଆମ୍ବ ଖାଇଲେ ତ୍ୱଚାରୁ ବୟସର ଛାପ କମିବା ସହ ମଧୁମେହ, କର୍କଟ ପରି ରୋଗ ହେବାର ଆଶଙ୍କା କମ ହୋଇଥାଏ ।
- ◻ ଭିଟାମିନ ଏ ମହଜୁଦ୍ ଥିବା ଏଇ ଆମ୍ବ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି ।
- ◻ ପୋଟାସିୟମ ଓ ଗ୍ୟାଙ୍ଗିଫିଏରେନ ତତ୍ତ୍ୱ ଥିବା ଏଇ ଆମ୍ବ ଫଳ ଖାଇଲେ ହୃଦଯନ୍ତ୍ର ସୁସ୍ଥ ରହୁଥିବାର ଜଣାପଡ଼ିଛି ।
- ◻ ଆମ୍ବ ଖାଇଲେ ହଜମ ଶକ୍ତି ଭଲ ହେବା ସହ ଆଖିର ଜ୍ୟୋତି ବଢୁଥିବାର ପରୀକ୍ଷାରୁ ସ୍ପଷ୍ଟ ହୋଇଛି ।
- ◻ ଭିଟାମିନ ସି ଭରପୂର ଆମ୍ବ ନିୟମିତ ଖାଇବା ଦ୍ୱାରା ତ୍ୱଚା ଓ କେଶ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ ।

ସ୍ମାର୍ଟଫୋନ ସତର୍କତା !

ଯୁଗ ଅନୁସାରେ ତାଳଦେଇ ଆଗକୁ ବଢୁଥିବା ଲୋକେ ସ୍ମାର୍ଟଫୋନକୁ ନିଜର ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ମନେକରୁଛନ୍ତି । ଯଦିଓ ଆଜିର ସମୟରେ ଏହାର ଉପଯୋଗରେ ବିଭିନ୍ନ ସୁବିଧା ଉପଲବ୍ଧ ହେଉଛି, ତେବେ କେତୋଟି ଦିଗ ପ୍ରତି ବେଶ ଧ୍ୟାନ ଦେବା ଜରୁରୀ । ଫୋନକୁ ଅକାମୀ ହେବାରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଲୋକେ ଏହାର ବ୍ୟବହାର ନିୟମ ଜାଣିବା ଉଚିତ ।

ଫୋନକୁ ଘଣ୍ଟା ଘଣ୍ଟା ଧରି ଚାର୍ଜ କରୁଥିଲେ, ତାହା ବିପଜ୍ଜନକ । ଦିନକୁ ଥରୁଟିଏ ଫୁଲ ଚାର୍ଜ କରାଇନେବା ଭଳ ।

ଚାର୍ଜ କରୁଥିବା ସମୟରେ କେବେହେଲେ କୌଣସି କଲ କରନ୍ତୁନାହିଁ । ଫୋନ ବିସ୍ଫୋରଣ ହେବାର ସମ୍ଭାବନା ସର୍ବାଧିକ ରହିଛି ।

ନିୟମିତ ଅନଲାଇନ ଗେମ ଖେଳିବା ମଧ୍ୟ ସ୍ମାର୍ଟଫୋନ ଖରାପ କରିବାର ଆଙ୍କା ବଢ଼ାଇଥାଏ ।

ଦୈନିକ ଘଣ୍ଟାଘଣ୍ଟା ୱାଇଫାଇ ଓ ହଟସ୍ପଟ୍ ଅନ୍ ରଖିଲେ ମଧ୍ୟ ଫୋନ୍ ପ୍ରତି ବିପଦ ବଢ଼େ ।

ଫୋନର ସଫଟୱେୟାର ଯଥା ସମୟରେ ଅପଡେଟ କରାଇବା ଅନ୍ୟତମ ଜରୁରୀ କାମ ।

ଏହା ସହ ଫୋନ ମେମୋରୀକୁ ଫୁଲ ନ ରଖି ନିୟମିତ ଭାବେ ଫଟୋ ଓ ଭିଡିଓ ଡିଲିଟ୍ କରିବା ଉଚିତ ।

ଅନୁଲାଇନ ମ୍ୟୁଜିକ ଶୁଣୁଥିବା ଲୋକେ ମଧ୍ୟ ସାବଧାନ । ଏହା ଫୋନକୁ ଶୀଘ୍ର ଗରମ କରିବା ସହ ବିସ୍ଫୋରଣ ହେବାର ମଧ୍ୟ ଭୟ ଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସମ୍ଭାବନା ତୃତୀୟ ବିଶ୍ୱଯୁଦ୍ଧ...

ଝିମିଟି ଖେଳରୁ ମହାଭାରତ ଭଳି ସାମାନ୍ୟ ପ୍ରସଙ୍ଗକୁ ନେଇ ରଷ ୟୁକ୍ରେନ୍ ଉପରେ ପ୍ରତିଶୋଧ ନେଉଛି, ନିଜର ହଜାର ହଜାର ସୈନ୍ୟଙ୍କୁ ମରଣ ମୁହଁକୁ ଠେଲି ଦେଉଛି । ସେହିଭଳି ନାଟୋ ସାମରିକ ମେଣ୍ଟରେ ସାମିଲ ହେବା ଜିଦ୍ ୟୁକ୍ରେନ୍‌କୁ ହଜାର ହଜାର ସୈନ୍ୟ ଓ ବିପୁଳ ସମରାସ୍ତ୍ର ଧ୍ୱଂସ ମୁହଁକୁ ଠେଲି ଦେଇଛି । ନା ରଷ ଯୁଦ୍ଧକ୍ଷେତ୍ରରୁ ହଟିବା ସ୍ଥିତିରେ ଅଛି, ନା ୟୁକ୍ରେନ୍ ପଛକୁ ହଟିବା ଅବସ୍ଥାରେ । ନିଜ ଦେଶର ଆର୍ଥିକ, ସାମରିକ ବଳ ସରିବା ଯାଏଁ ଦୁଇ ଦେଶ ଯେମିତି ତୟାର ଅଛନ୍ତି । ଆମେରିକା, ବ୍ରିଟେନ ସହ ନାଟୋ-ରାଷ୍ଟ୍ର ଗଣବିଧ୍ୱଂସୀ କ୍ରିୟାରେ ସବୁ କିଛି ସାରିଦେବାକୁ ପ୍ରସ୍ତୁତ । ଏକଛତ୍ରବାଦୀ ଭ୍ଲାଦିମିର, ପୁଟିନ୍ ଓ ୟୁକ୍ରେନ୍ ନେତା ପାରସ୍ପରିକ ଧ୍ୱଂସଲୀଳା ଚଳାଇଥିବା ଦେଖିବା ପରେ ସମସ୍ତେ ବିଚାରୁଛନ୍ତି ବିଶ୍ୱଯୁଦ୍ଧ ଆଉ ବେଶୀ ଦୂର ନାହିଁ । କୋଟି କୋଟି ଟଙ୍କା ମୂଲ୍ୟରେ ନିର୍ମିତ ଟ୍ୟାଙ୍କ୍, ସମରାସ୍ତ୍ର ଏମିତିରେ ଧ୍ୱଂସ ପାଇଯାଉଛି, ବହୁ କୋଠାବାଡ଼ି ମାଟିରେ ମିଶିଯାଉଛି ଏବଂ ଉଭୟ ପକ୍ଷର ଲକ୍ଷ ଲକ୍ଷ ନରନାରୀ, ମହିଳା ଓ ଶିଶୁଙ୍କୁ ଠେଲି ଦିଆଯାଉଛି ମରଣମୁହଁକୁ । ପଡ଼ୋଶୀ ଦେଶରେ ୟୁକ୍ରେନ୍‌ର ଲକ୍ଷ ଲକ୍ଷ ନରନାରୀ ଶରଣାର୍ଥୀ ଭାବେ ରହିଛନ୍ତି । କେହି କେହି କହିବା ଆରମ୍ଭ କଲେଣି: ଏତେ ଶୀଘ୍ର ୟୁକ୍ରେନ୍-ରଷ ଯୁଦ୍ଧ ସରିବା ଭଳି ଦିଶୁନାହିଁ । ନାଟୋ-ରାଷ୍ଟ୍ରସମୂହ ୟୁକ୍ରେନ୍‌କୁ ସାମରିକ ତଥା ଆର୍ଥିକ ସହାୟତା ଯୋଗାଇବାରେ ମାତ୍ରାଧିକ ବିଳମ୍ବ କରିଦେଲେ । ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲାଣି । ତାହାରି ଭିତରେ ୟୁକ୍ରେନ୍ ସେନା ଯେଭଳି ବୀରୋଚିତ ଲଢ଼େଇ କରି ପୁଟିନ୍ ସେନାକୁ ପାଣି ପିଆଇ ସାରିଲେଣି, ତାହା ପ୍ରଶଂସାର ମୂଳ ଭୂଖଣ୍ଡାଯୋଗ୍ୟ । ଯୁକ୍ତରାଜ୍ୟ ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ରଷ ସରକାର କଟକଣା ଲଗାଇଛନ୍ତି । ତାଙ୍କୁ ରଷ ଦେଶ ପ୍ରବେଶ ଉପରେ କଟକଣା ଲଗାଯିବା ପରେ ସେ ଭାରତ ମୁହାଁ ହୋଇଛନ୍ତି । ମାତ୍ର ଅଳ୍ପ କିଛି ଦିନ ଭିତରେ ରଷ ବୈଦେଶିକ ମନ୍ତ୍ରୀ, ନେପାଳ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଭାରତ ଆସି ଅନ୍ୟ ପ୍ରସଙ୍ଗ ଭିତରେ ସାମ୍ପ୍ରତିକ ଯୁଦ୍ଧ ନେଇ ବିଚାର ବିମର୍ଶ କରୁଛନ୍ତି । ଭାରତର ସ୍ପଷ୍ଟ ବିଦେଶ ନୀତି ନେଇ ପ୍ରଭାବୀ ଭୂମିକା ତୁଲାଇପାରିବ ବୋଲି ସମସ୍ତଙ୍କ ମନରେ ଆଶା ସଂଚାରିତ ହୋଇଛି । ଦୁଇ ଦୁଇଟି ମହାଯୁଦ୍ଧ ଦେଖି ସାରିଥିବା ବିଶ୍ୱବାସୀ ବିଭିନ୍ନ ସମୟର ଦେଖିଛନ୍ତି ଶୀତଳଯୁଦ୍ଧ । ତାହା ଭିଏତନାମରେର ଆମେରିକାର ପରାଜୟ, ଇରାକ୍-ଇରାନ୍ ଆଞ୍ଚଳିକ ସଂଘର୍ଷ ଭଳି ଆଞ୍ଚଳିକ ସୀମାରେ ହେଉଥିଲା । ୟୁକ୍ରେନ୍ କିଭଳି ଓ କାହିଁକି ରଷ ସହ ବୈରତା ପୋଷଣ କଲା, ତାହାର କାରଣ ନିଦାନ କିଛି ଅସହଜ ଲାଗୁନି । ପରସ୍ପର ଭିତରେ ବୈରତା ସୃଷ୍ଟି ପଛରେ ବର୍ତ୍ତମାନର ୟୁକ୍ରେନ୍ ନେତୃତ୍ୱର ଭୂମିକା ଅବଶ୍ୟ ରହିଛି । ଦୁଇଥର ବିଶ୍ୱଯୁଦ୍ଧରେ ଯେତିକି କ୍ଷୟକ୍ଷତି ନହୋଇଛି, ତାହାଠାରୁ ଯଥେଷ୍ଟ କ୍ଷତି ହୋଇସାରିଛି ୟୁକ୍ରେନ୍ ଓ ରଷର । ରଷର ମର୍ଯ୍ୟାଦା କୁହାଯାଉଥିବା ବିଶାଳକାୟ 'ମସ୍କୋଭା' ରଣତରୀକୁ କୃଷ୍ଣସାଗରରେ ନେପ୍‌ଚ୍ୟୁନ୍ କ୍ଷେପଣାସ୍ତ୍ର ମାଡ଼ି କରି ବୁଡ଼ାଇଦେବା ପୁଟିନ୍ ସେନାର ମନୋବଳ ଭାଙ୍ଗି ଦେଇଛି । ଗୋଟିକ ପରେ ଗୋଟିଏ ଯୁଦ୍ଧାସ୍ତ୍ର ହରାଇଥିବା ୟୁକ୍ରେନ୍ ସେନାକୁ ପଛପଟୁ ଆମେରିକା, ବ୍ରିଟେନ ଇତ୍ୟାଦି ମଦତ୍ ଯୋଗାଇ ଚାଲିଛନ୍ତି । କୁହାଯାଉଛି କି, ପୂର୍ବତନ ସୋଭିଏତ୍ ଅଙ୍ଗ ପ୍ରଜାତନ୍ତ୍ରର ବେଲାରୁଷ, ଆଜରବୈଜାନ୍ ଓ ଅନ୍ୟମାନଙ୍କୁ ନେଇ ପୁଣି ସୋଭିଏତ୍‌ର ପରିକଳ୍ପନା କରିଥିବା ପୁଟିନ୍‌ଙ୍କ ପକ୍ଷେ ତାହା ସାଧାତୀତ ପ୍ରଶ୍ନ । ଏତେ ବେଶୀ ଜନକ୍ଷୟ, ଧନକ୍ଷୟ ଦେଖିନଥିବା ବିଶ୍ୱରେ ଏହା ମହାଯୁଦ୍ଧ ନୁହେଁ ତ ଆଉ କଣ? ତମାମ୍ ବିଶ୍ୱବାସୀ ଏଇ ସମୟରେ ଭୋଗ କରୁଛନ୍ତି ଆର୍ଥିକ ମହାସଙ୍କଟ । କରୋନାର ଗୋଟିକ ପରେ ଗୋଟିଏ ଲହର ଚାଲିଛି । ସେଥିରେ କୋଟି କୋଟି ଲୋକଙ୍କର ମୃତ୍ୟୁ ହୋଇସାରିଲାଣି । ତା' ପଛକୁ ଗୋଟିକ ପରେ ଆଉ ଗୋଟିଏ ବିପଦ କରୋନା ଭୂତାଣୁ ଲହର ରୂପନେଇ ଆସିବାରେ ଲାଗିଛି । ଏହାର କେତେବେଳେ ଅନ୍ତ ଘଟିବ ତାହା କିଏ ଜାଣେ? ବିଶ୍ୱ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଥିବା କରୋନା, ପେଟ୍ରୋଲ-ଡିଜେଲ ସଙ୍କଟକୁ ଅଧିକ ଉତ୍କଟ କରିସାରିଛି । ଆର୍ଥିକ ଓ ମାନବୀୟ ସଙ୍କଟ ରୂପ ନେଇଥିବା ଯୁଦ୍ଧ ଦରଦାମ୍ ବୃଦ୍ଧି ଭଳି ଉତ୍କଟ ସ୍ଥିତିକୁ ଗମ୍ଭୀର କରି ତୋଳିଥିବାରୁ ସାରା ବିଶ୍ୱ ପ୍ରଭାବିତ ହୋଇଛି । ଶ୍ରୀଲଙ୍କା ଭଳି ଦୁଃସ୍ଥିତି ହେବନି ବୋଲି କିଏ କହିବ! ପରିସ୍ଥିତି ଯଥେଷ୍ଟ ଗମ୍ଭୀର, ତେଣୁ କେତେ ଶାନ୍ତି କଥା କହୁଥିବା ରଷ ବା ପୂର୍ବତନ ସୋଭିଏତ୍ ୟୁନିଅନ୍ ନେତୃତ୍ୱ ବଳ କଷାକଷିରେ ଅଛନ୍ତି । ତହାରି ଜରିଆରେ ବିଶ୍ୱବାସୀଙ୍କୁ ଯେଉଁ ମନ୍ଦ ବାର୍ତ୍ତା ଦେଉଛନ୍ତି, ତାହା କଦାପି ଗ୍ରହଣୀୟ ହୋଇନପାରେ ।

ପୋଲିସ ଓ ଅପରାଧ: ଆଇନ ହାତରେ ନପଡୁ ବେଡି!

ପ୍ରଦୋଷ କୁମାର ଦାସ

ନିକଟରେ ନିଳଗିରି, ବାଲେଶ୍ୱର ଅଞ୍ଚଳରେ ଏକ ପ୍ରତିଷ୍ଠିତ ଗଣମାଧ୍ୟମ ରେ ଜନୈକ କାର୍ଯ୍ୟରତ ସାମ୍ବାଦିକଙ୍କ ସହ ସ୍ଥାନୀୟ ଗୃହରକ୍ଷୀ ଙ୍କର ଗାଡ଼ି ଧକ୍କା ଓ ମତାନ୍ତରରୁ ପୋଲିସର ହସ୍ତକ୍ଷେପ ଘଟଣା କୁ ନେଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ପୋଲିସର ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ ଏବେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେଉଅଛି। ଦୁଃଖ ଓ ପରିତାପର ବିଷୟ ସାଧାରଣ କଥାକୁ ନେଇ ଥାନାକୁ ଡ଼କାଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ମାଡ଼ ମାରିବା, ଅସୁସ୍ଥ ହେବାପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ଡାକ୍ତରଖାନା ବେଡ଼ରେ ଶଯ୍ୟାଶାୟୀ ଅବସ୍ଥାରେ ଗୋଡ଼ରେ ବେଡ଼ି ପକାଇ ରଖିବା ବଡ଼ କରୁଣ ଘଟଣା ଅଟେ। ଏକ୍ଷେତ୍ରରେ ସମ୍ପୃକ୍ତ ପୋଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳତା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ଏହା କଣ ପୋଲିସ ପବ୍ଲିକ ସଂପର୍କକୁ ସାଧାରଣରେ ସୁଦୃଢ କରିପାରିବ!

ଅପରାଧ ପୃଷ୍ଠଭୂମିକୁ ତନାଘନା କରିବା ପୂର୍ବରୁ ପ୍ରତିକ୍ରିୟାଶୀଳ ହୋଇ ଯଦି ପୋଲିସ କାହାକୁ ଏପରି ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରେ ତେବେ ଖୋଦ୍ ପୋଲିସ ଅଧିକାରୀ ନିଜକୁ ଅପରାଧୀ ବୋଲି ସଜାଇ ଦେଉନାହାନ୍ତି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଭଳି ଅନେକ ଘଟଣା ଆମ ରାଜ୍ୟ ତଥା ସାରା ଭାରତରେ ମଧ୍ୟ କେଉଁଠି ନା କେଉଁଠି ନିତି ପ୍ରତିଦିନ ଘଟୁଥିବା ଅଭିଯୋଗ ହେଉଛି। ଏହା ଆମ ସମାଜର ସୁରକ୍ଷା ଓ ସମୃଦ୍ଧି ସକାଶେ ପରିଚାୟକ ନୁହେଁ।

ସମାଜ ସୁରକ୍ଷା ପାଇଁ ପୋଲିସ ପବ୍ଲିକ ସଂପର୍କ ପାରସ୍ପରିକ ସୁଦୃଢ ରହିବା ନିହାତି ଜରୁରୀ। ସମାଜର ସବୁ ବର୍ଗରେ ପଦସ୍ଥ ପୋଲିସ ଅଧିକାରୀ ଓ କର୍ମଚାରୀ ଗ୍ରହଣୀୟ ରହିପାରିଲେ ଏକ ନିରପରାଧ ଓ ଶୃଙ୍ଖଳିତ ସମାଜରେ ଆମେ ବସବାସ କରି ପାରିବା ସମ୍ଭବ ହେବ।

ସମାଜ କଲ୍ୟାଣ ପାଇଁ ଆଇନତଃ ପୁଲିସ ବିଭାଗର କର୍ମତତ୍ପରତା ଓ କର୍ତ୍ତବ୍ୟ ସଂପାଦନରେ ନିରପେକ୍ଷତା ବଜାୟ ରହିଲେ ପୁଲିସ ଉପରେ ସାଧାରଣଙ୍କର ଆସ୍ଥା ସ୍ଥାପନ ହୋଇଥାଏ। ଫଳରେ ପୁଲିସ ପବ୍ଲିକର ସୁସଂପର୍କ ସ୍ଥାପନ ହୋଇ ଆବଶ୍ୟକ ସ୍ଥଳେ ସୃଷ୍ଟ ଯେତେ ଯେତେ ବେଆଇନ କାର୍ଯ୍ୟ ଉପରେ ଆଇନର ବେଡି ପଡିଥାଏ। ସମାଜ ସୁରକ୍ଷିତ ଓ ନିରପରାଧ ରହିଥାଏ।

ସଂପ୍ରତି ସମୟକୁ ସମୟ ଅନେକ ସ୍ଥଳ ବିଶେଷରେ ପୋଲିସ କାର୍ଯ୍ୟକ୍ଷେତ୍ରରେ ବିଚାର ଶୂନ୍ୟ ହୋଇ ପୋଲିସ ଦ୍ୱାରସ୍ଥ ବ୍ୟକ୍ତି ଓ ତାର ଅଭିଯୋଗକୁ ପୁଙ୍ଖାନୁପୁଙ୍ଖ ତନାଘନା ନକରି ହଠାତ୍ ପ୍ରତିକ୍ରିୟାଶୀଳ ହୋଇ ନାନାଦି ଅପବ୍ୟବହାର ପ୍ରଦର୍ଶନ କରି ପରୋକ୍ଷରେ ଖୋଦ ନିଜକୁ ହିଁ ସାଧାରଣରେ ଅପରାଧୀ ସଜାଇ ଦେଇ ଅପନିନ୍ଦିତ ହୋଇଯାଉଥିବା ପ୍ରକାଶ।

ଆଇନ ସୁରକ୍ଷା ଆଳରେ ଯଦି କେହି କାର୍ଯ୍ୟରତ ପୋଲିସ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ ଆବଶ୍ୟକ କର୍ତ୍ତବ୍ୟ ସଂପାଦନ ଅବସରରେ ବ୍ୟକ୍ତିଗତ ଅହଂ ଓ ପଦମର୍ଯ୍ୟାଦାର ଭୁଲୁଣ୍ଠନ କରିବସେ, ସେତେବେଳେ ଆଇନର ଦୁରୁପଯୋଗ ହୋଇଥାଏ। ଏଥି ସହ ପୋଲିସ ଲାଞ୍ଚଖୋର ହେଲେ ବିଭାଗୀୟ ୟୁନିଫର୍ମ ପୋଷାକର ମର୍ଯ୍ୟାଦା ହନନ ହୋଇଥାଏ । ଆପଣାର କର୍ତ୍ତବ୍ୟନିଷ୍ଠା ପାସୋରି ଦେଇ ପୁଲିସ ଯେବେ ବ୍ୟକ୍ତଗତ ସ୍ତରକୁ ଚାଲିଯାଇ କାହାକୁ ଟାରଗେଟ କରି ପ୍ରତିକ୍ରିୟାଶୀଳ ହୋଇଥାଏ, ସେଭଳି ସମ୍ବେଦନଶୀଳ ସ୍ଥିତିରେ ଆଗତ ମାମଲାରେ ନ୍ୟାୟିକ ତନାଘନା ପରିବର୍ତ୍ତେ ଲାଞ୍ଚମିଛର ପକ୍ଷ ନେଇଥାଏ, ସେତେବେଳେ ସେ ତାର ପ୍ରତିକୂଳ ପରିସ୍ଥିତିକୁ ଆପେ ଆହ୍ୱାନ କରିବସେ। ନିଜକୁ କର୍ତ୍ତବ୍ୟ ନିଷ୍ଠ ପ୍ରମାଣିତ କରିବାକୁ ପ୍ରକାରାନ୍ତରରେ ପୋଲିସ ବାବୁଟି ହିତାହିତ ଭୁଲି ବ୍ୟକ୍ତିଗତ ରାଗ ଶୁଝାଇବାକୁ ଯାଇ ପ୍ରତିକ୍ରିୟାଶୀଳ ହୋଇଥାଏ। ବ୍ୟକ୍ତିଗତ ସ୍ତରକୁ ଚାଲିଯାଇ ଯଦି ପୁଲିସ ପ୍ରତିକ୍ରିୟାଶୀଳ ହୁଏ, ପୁଲିସ ଦ୍ୱାରସ୍ଥ ନ୍ୟାୟଭିକ୍ଷୁ ନିରୀହ ଅଭିଯୋଗକାରୀଟି ଅଯଥାରେ ଶୋଷଣ ଓ କଷଣର ଶୀକାର ହୋଇଥାଏ। ଏହା ପୁଲିସ ପବ୍ଲିକ ସଂପର୍କରେ ଅଯଥା ଅସୂୟା ଭାବ ସୃଷ୍ଟି ହେବାର କାରଣ ହୋଇଥାଏ। ଜନମଂଗଳ ରାଷ୍ଟ୍ରରେ ପୋଲିସ, ପ୍ରଶାସନ ଓ ନ୍ୟାୟାଳୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୋଲିସ ସହଯୋଗ ଓ ନିରପେକ୍ଷ ସେବା ସାଧାରଣଙ୍କୁ ଅଭୟ ପ୍ରଦାନ କରିଥାଏ। ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ଆବଶ୍ୟକ ସ୍ଥଳେ କାର୍ଯ୍ୟକାରୀ କରାଇବାରେ ପୁଲିସ ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ।

ଦୁଃଖର ବିଷୟ, ଆମ ସମାଜରେ ପୁଲିସ ବିଭାଗର ତଳୁ ଉପରଯାଏଁ କିଛି କର୍ମଚାରୀ ଆପଣାର କର୍ତ୍ତବ୍ୟ ସଂପାଦନରେ ବିଭାଗୀୟ ଅହମିକାର ବଶବର୍ତ୍ତୀ ହୋଇ ବୃଥା ଯଥେଚ୍ଛାଚାର ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ କଲେ ନିରୀହ ଅଭିଯୋଗକାରୀଙ୍କୁ ପେଷାଦାର ଅଭିଯୁକ୍ତ ସଜାଇ ପୁଲିସ ଦାଉ ସାଧୁଛି। ଆଇନ ସୁରକ୍ଷା ଆଳରେ ଅସହାୟ ଏତଲାକାରୀଟି ଅପରାଧ ନକରି ମଧ୍ୟ କାଗଜ କଲମରେ ଅପରାଧୀ ବୋଲି ହାତ ଗୋଡରେ ବେଡି ପଡିଯାଉଛି। ଏଥି ସହ ହାଜତରେ ଦିନ କାଟି ମାର୍ମିକ ବେଦନା ଭୋଗ କରିବାକୁ ପଡୁଛି। ପୋଲିସକୁ ବିରୋଧ ମାନେ ଅଯଥା ଝାମେଲାରେ ଫସି ଆସାମୀ ହେବାର ଆଶଙ୍କା ରହୁଛି। ଅଭିଯୋଗକାରୀ/ ପ୍ରତିବାଦକାରୀ ବ୍ୟକ୍ତିଟି ତୁଚ୍ଛା ଶାରୀରିକ, ମାନସିକ ଉତ୍ପୀଡନର ଶୀକାର ହେଉଛି। ଅନେକ ସମୟରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅନୁଚିତ୍ ଆନୁକୁଲ୍ୟର ବଶୀଭୂତ କିଛି ପୋଲିସ ନିରପରାଧୀ ବ୍ୟକ୍ତିଟିକୁ ଆଇନ ଜାଲରେ ଛନ୍ଦି ଅପରାଧୀ ସଜାଇ ଜେଲ ଦଣ୍ଡରେ ଦଣ୍ଡିତ କରାଇବାକୁ ପଛାଇନଥାଏ। ଅପରାଧ ନକରି ଅପରାଧୀ ପ୍ରମାଣିତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୋଲିସ ପାଇଁ ଏକ ମାରାତ୍ମକ ଅପରାଧ ଅଟେ। ଏହି ପ୍ରସଂଗରେ ଅନେକ ସମୟରେ ଜେଲ ଫେରନ୍ତା ନିରୀହ ବ୍ୟକ୍ତିଟିର ଅପରାଧ ମାନସିକତାର ଉନ୍ମେଷ ଘଟିଥାଏ।

ସାରା ଦେଶ ସମେତ ଆମ ରାଜ୍ୟରେ ଅନେକ ସ୍ଥାନ କାଳ ପାତ୍ର ବିଶେଷରେ କିଛି ପୁଲିସ ବାବୁ ମାନଙ୍କର ଅପରାଧୀ ଭଳି ଆଚରଣ ତଥା ଔଦ୍ଧତ୍ୟ ସାଧାରଣ ଜନତାଙ୍କୁ ଆତଙ୍କିତ କରି ରଖିଥିବା ବୁଦ୍ଧିଜୀବୀ ମହଲ ଓ ସାଧାରଣରେ ଅଭିଯୋଗ ହେଉଛି। କେତେକ ସ୍ଥଳରେ କିଛି ପୋଲିସ ବାବୁଙ୍କ ବିରୋଧରେ ହାଜତ ମୃତ୍ୟୁ ଘଟଣାକୁ ନେଇ ନରହତ୍ୟା ଅଭିଯୋଗ ଏବେ ମଧ୍ୟ ଦେଶର ଅନେକ କୋର୍ଟରେ ବିଚରାଧୀନ ରହିଛି । ଆଇନ ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ରହିଥିବା ପୋଲିସ ବାବୁଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବା ଘଟଣା କ୍ରମେ ସାରା ଦେଶରେ କେଉଁଠି ନା କେଉଁଠି ଏକ ପ୍ରକାର ଉଦବେଗଜନକ ପରିସ୍ଥିତି ସୃଷ୍ଟି କଲାଣି। ତେବେ ଅନେକ କ୍ଷେତ୍ରରେ ବିଭାଗୀୟ ଉଚ୍ଚପଦସ୍ଥ ମହଲରେ ଏହି ମାମଲାରୁ ଅନେକ ଭିତରେ ଭିତରେ ରଫାଦଫା ହୋଇଯାଉଛି । ଆଉ କିଛି ପୋଲିସ ବିରୋଧରେ ବିଭାଗୀୟ ତନାଘନା ଅଭାବରୁ ସମୟୋଚିତ କାର୍ଯ୍ୟାନୀଷ୍ଠାନ ପ୍ରକ୍ରିୟା ବିଳମ୍ବିତ ହେଉଛି। ଅପରାଧୀ/ ଅଭିଯୁକ୍ତ ପୋଲିସ ବିରୋଧରେ ନ୍ୟାୟିକ ଲଢେଇ କରି କରି ଦିନ ପରେ ଦିନ ବିତେଇ ନ୍ୟାୟ ପାଇଁ ପୀଡିତ ବ୍ୟକ୍ତିଟିର ଆଗକୁ ଧୈର୍ଯ୍ୟ ରହୁନାହିଁ । ଅନେକ କ୍ଷେତ୍ର ଓ ପ୍ରସଂଗରେ ପୋଲିସ ବିରୋଧୀ ମାମଲାରେ ପୀଡିତ ମାନବାଧିକାର କମାଶନଙ୍କ ନିକଟକୁ ଗଲେ ମଧ୍ୟ ଫାଇଦା ମଧ୍ୟ ମିଳୁନଥିବ ବେଳେ କେବଳ ଅନେକ କ୍ଷେତ୍ରରେ ଆର୍ଥିକ କ୍ଷତାପୂରଣ ମିଳିବା ସମ୍ଭବ ହୋଇପାରୁଥିବା ଅଭାଯୋଗ ଉଠୁଛି। ପୋଲିସ ଅପରାଧ ବିରୋଧରେ କେତେକ ସ୍ଥଳରେ ବସୁଥିବା କମିସନ କେବଳ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ ଦେଉଛନ୍ତି । ହେଲେ ଦୋଷୀ ପୋଲିସ ବିରୋଧରେ ଦଣ୍ଡ ପ୍ରଦାନ ବ୍ୟବସ୍ଥା ହେବା ବହୁତ କ୍ୱଚିତ୍ ଦେଖାଯାଇଛି। ଏହା ଆମ ସମାଜ ପାଇଁ କଦାଚିତ୍ ଶୁଭଙ୍କର ନୁହେଁ।

ଏଣୁ ହାଇକୋର୍ଟ, ଜିଲ୍ଲା କୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ପୋଲିସ ବିଭାଗର ଅବସରପ୍ରାପ୍ତ ସୁନାମଧନ୍ୟ ଅଧିକାରୀଙ୍କୁ ନେଇ ଏକ ନିରପେକ୍ଷ ସଂସ୍ଥା ଗଠନ କରି ପୋଲିସ ବିରୋଧରେ ଅପରାଧିକ ମାମଲାର ନିରପେକ୍ଷ ତନାଘନା ହୋଇ ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି। ଏଥି ସମେତ ଏଦିଗରେ କ୍ରାଇମ ବ୍ରାଞ୍ଚର ମଧ୍ୟ ସ୍ୱାଧୀନ ତନାଘନା ଓ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ଶିକ୍ଷାନବୀଶ ପୋଲିସକୁ ତାର କାର୍ଯ୍ୟକାଳ ପ୍ରାରମ୍ଭରୁ ନିଜ କ୍ଷମତାର ଉପଯୁକ୍ତ ବ୍ୟବହାର ତଥା ସ୍ଥାନ କାଳପାତ୍ର ବିଶେଷରେ ନିଜର ପୋଲିସ ଟ୍ରେନିଂ ସମୟରୁ ତାଙ୍କୁ ଆବଶ୍ୟକ କାଉନସେଲିଂ ପ୍ରଦାନକୁ କାର୍ଯ୍ୟତଃ ପ୍ରଦାନ କରିବା ଜରୁରୀ। ପୁଲିସର ନାଗରିକଙ୍କ ପ୍ରତି ଆଚରଣ ଓ ଉଚ୍ଚାରଣ ତଥା ସବୁ ପ୍ରତିକୂଳ ପରିସ୍ଥିତିରେ ନିରପେକ୍ଷ ଦାୟିତ୍ୱ ନିର୍ବାହ କରି ସାଧାରଣରେ ପ୍ରିତିଭାଜନ ହୋଇପାରିଲେ ଆମ ସମାଜ ସୁରକ୍ଷିତ ରହିପାରିବା ନିସଂନ୍ଦେହ। ନଚେତ ଆଇନ ହାତରେ ବେଡି ପଡିବାର ଅପପ୍ରୟାସ ଘଟିବା ଭଳି ଅଘଟଣ ଘଟିବା ଆଶଙ୍କା ରହିଛି। ଆଇନ ଶୃଙ୍ଖଳା ରକ୍ଷା ହେବାରେ ପୋଲିସ ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା ପ୍ରଦର୍ଶନ କରିପାରିଲେ ପୋଲିସ ପବ୍ଲିକ ସଂପର୍କରେ ଏକ ଗଠନମୂଳକ ସ୍ଥାପନ ହେବା ସହ ସବୁରିଙ୍କ ପାଇଁ ତାହା ସ୍ୱତଃ ସମାଜ ମଙ୍ଗଳକାରକ ହୋଇପାରିବ।

❤ସ୍ତମ୍ଭକାର, ସା/ପୋ:- ନାଚୁଣୀ, ଜିଲ୍ଲା: ଖୋରଧା, ପିନ୍-୭୫୨୦୩୪
ମୋ: ୬୩୭୦୪୯୫୯୪୪

ମଣିଷ ଘରୁ ପଶୁର ବଣ ଯେତେ ଦୂର-

କାଳିକିଙ୍କର

କ'ଣ ପାଇଁ ପୃଥିବୀରେ ରୁଷ ଭଳି ଏକ ଶକ୍ତିଶାଳୀ ଦେଶ ନିଜକୁ ଏତେ ଅସୁରକ୍ଷିତ ମନେ କରିପାରିଲା ଯେ ସେ ତା'ଠାରୁ ଶହେଗୁଣରୁ ଅଧିକ କମ୍ ଶକ୍ତିଶାଳୀ ଦେଶ ଉପରେ ଆକ୍ରମଣ କଲା ? ଯୁଦ୍ଧ ପୃଥିବୀରେ ହୁଏ, ଅନେକ ଲୋକେ ମରନ୍ତି କିନ୍ତୁ ପୃଥିବୀରେ ଯୁଦ୍ଧର ମଧ୍ୟ ଏକ ନିୟମ ରହିଥାଏ । ମହାଭାରତର କୁରୁକ୍ଷେତ୍ର ଯୁଦ୍ଧ ହେଉ ଅଥବା ରାମାୟଣର ଲଙ୍କା ଯୁଦ୍ଧ ହେଉ ସବୁ କାଳରେ ସବୁ ଯୁଦ୍ଧରେ କିଛି ନିୟମ ରହିଥାଏ । ଶୁଣାଯାଏ ସୂର୍ଯ୍ୟୋଦୟ ପରେ ଯୁଦ୍ଧ ନିଷେଧ ଥିଲା । ତାପରେ ଯୁଦ୍ଧକ୍ଷେତ୍ରର ବାହାରେ ପରଷ୍ପର ବିରୁଦ୍ଧରେ ଯୁଦ୍ଧ କରୁଥିବା ଯୁଦ୍ଧା ପରଷ୍ପରକୁ ବନ୍ଧୁଭାବରେ ଦେଖା ସାକ୍ଷାତ୍ ମଧ୍ୟ କରୁଥିଲେ ।

କିନ୍ତୁ ଆଜିର ପୃଥିବୀରେ ଯେଉଁ ଯୁଦ୍ଧ ହେଉଛି ସେ ଯୁଦ୍ଧ ରାତି ଦିନ ସବୁବେଳେ ହେଉଛି । ଜନବସତି ଉପରେ ବୋମା କିମ୍ବା ଗୁଳିଗୁଳା ବର୍ଷଣ ଶୋଭନୀୟ ନୁହେଁ ବୋଲି ଯୁଦ୍ଧ ନିୟମ ଥିଲେ ମଧ୍ୟ ଶକ୍ତିଶାଳି ଦେଶ ଯୁଦ୍ଧ କଲାବେଳେ ଏ କଥା ମାନୁ ନାହାଁନ୍ତି । ଅସହାୟ, ନାରୀ ପୁରୁଷ, ବୃଦ୍ଧ ବୃଦ୍ଧା, ଯୁବତୀଙ୍କୁ ଯୁଦ୍ଧର ପ୍ରଭାବରୁ ମୁକ୍ତ ରଖିବାର ମଧ୍ୟ ବିଧାନ ରହିଛି କିନ୍ତୁ ତାହା ଅନେକ ସମୟରେ ହେଉନାହିଁ । ଗତ ବିଛିବର୍ଷ ଭିତରେ



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୫୬

ସାରାଜୀବନ ଯାର ନିନ୍ଦା, ଅପମାନ, ଲାଞ୍ଛନା ସହିବାରେ ଅଭ୍ୟସ୍ତ । ସେ କ'ଣ ନିଜ ସାରଥିର ଏତକ ସହିପାରିବନି । କ'ଣ ବା ସେ କଟୂକ୍ତି ଦେବେ, ତାଛଡ଼ା ଯୁଦ୍ଧବେଳେ ସାରଥିର ଭୂମିକା ନିର୍ବାହ କରୁଥିବା ବ୍ୟକ୍ତିଟି ମୁହଁରେ ରଥୀ ପ୍ରତି ପ୍ରେରଣା ଦେବା ତାର ଧର୍ମ ଓ କର୍ତ୍ତବ୍ୟ । ଆଉ ମଦ୍ରରାଜ ଭଳି ସୁଦକ୍ଷ ରାଜା କେବେବି ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହେବେନାହିଁ । ମୁଁ ତେଣୁ ନିର୍ଭୀକ ଭାବେ ଯୁଦ୍ଧକ୍ଷେତ୍ରକୁ ଲମ୍ଫପ୍ରଦାନ କଲି । ନିଜକୁ ନିଜେ ତର୍ଜମା କଲି । ମୋ ରଥରେ ସାରଥି ମଦ୍ରରାଜ ବେଶ୍ ଅପରୂପ ଦେଖାଯାଉଛନ୍ତି । ମନେମନେ ମୁଁ ମୋର ଇଷ୍ଟଦେବତାଙ୍କୁ ସ୍ମରଣ କଲି । ପ୍ରଭୁ, ମୋତେ ମୋ ଲକ୍ଷ୍ୟପୂରଣ ଦିଗରେ ସହାୟକ ହୁଅ ସେଥିପାଇଁ ଯେତେ ଝଡ଼ଝଞ୍ଝା ଆସୁ ନା କାହିଁକି, ସେସବୁ ସହିବାକୁ ନିଜକୁ ମୁଁ ପ୍ରସ୍ତୁତ କରିନେଲି । ତେଣୁ ମଦ୍ରରାଜ ମୋତେ ଯେତେ ଅପମାନ ସୂଚକ କଥା କୁହନ୍ତୁ ନା କାହିଁକି, ସେସବୁ ମୋର କିଛି କ୍ଷତି କରିବ ନାହିଁ । ସାରଥି ଧର୍ମରୁ ନିବୃତ୍ତ ନ ହେଇ ସେ ଯଦି ତାଙ୍କର କର୍ତ୍ତବ୍ୟ ଠିକ୍‌ରୂପେ ପାଳନ କରନ୍ତି ତାହାହିଁ ମୋ ପାଇଁ ଯଥେଷ୍ଟ ।

ମଦ୍ରରାଜ ଶଲ୍ୟଙ୍କୁ ପ୍ରଣାମ ଜଣାଇ ତାଙ୍କୁ ସ୍ୱାଗତ କଲି । କହିଲି ହେ ଶଲ୍ୟ, ଆପଣଙ୍କ ଭଳି ଯୋଗ୍ୟ ସାରଥି ପାଇ ମୋର ଆଉ କାହାକୁ ଭୟ ନାହିଁ । ଅର୍ଜୁନ କ'ଣ ତିନି ଭୁବନକୁ ଜୟ କରିବାର ଶକ୍ତି ମୋ ନିକଟରେ ଅଛି । ସାରଥି ଭାବେ ମୋର କେବଳ ଆପଣଙ୍କର ସହାୟତା ଆବଶ୍ୟକ ।

ମୋ କଥା ଶୁଣି ମଦ୍ରରାଜ ହସିଲେ, କହିଲେ ହେ ସୂତପୁତ୍ର କର୍ଣ୍ଣ, ବହୁବାର ତୁମଠାରୁ ମୁଁ ଶୁଣିଛି ଏମିତି କଥା । ଏସବୁ ତୁମର ବୃଥା ଅସ୍ଫାଳନ । ତୁମେ ଭୁଲିଯାଉଛ ଯେ, ତୁମର ସ୍ଥିତି କେତେ ? ଅର୍ଜୁନଙ୍କୁ ବୀରଗତି ଦେବାର ଚିନ୍ତା ନକରି ବରଂ ଅର୍ଜୁନଙ୍କ ହାତରେ ତୁମର ନିଜର ବୀରଗତି କଥା ଚିନ୍ତାକର ।

ମଦ୍ରରାଜଙ୍କର ଏଭଳି କଟୂକ୍ତି ମୋତେ ଅନେକ ଆଘାତ ଦେଇଥିଲା । ତାଙ୍କ କଥାକୁ ଭଲରୂପେ ସମୀକ୍ଷା କଲେ ଏହା ଠିକ୍ ଯେ, ସେ ଯାହା କହୁଛନ୍ତି କିଛି ଭୁଲ୍ କହୁନାହାଁନ୍ତି । କାରଣ ଯୁଦ୍ଧର ପ୍ରଥମରୁ ତ ମୋତେ ଯୁଦ୍ଧଠାରୁ ଦୂରେଇ ରଖାଯାଇଥିଲା । ପିତାମହଙ୍କ ସର୍ତ୍ତ ମୋ ବୀରତ୍ୱ ପ୍ରତି ପ୍ରଚଣ୍ଡ କୁଠାରଘାତ ଥିଲା । ମୁଁ ତ ଯୁଦ୍ଧକ୍ଷେତ୍ରକୁ ଦଶଦିନ ଅତିକ୍ରାନ୍ତ ପରେ ଓହ୍ଲାଇଲି । ଆଉ ଅର୍ଜୁନଙ୍କ ସହ ଯୁଦ୍ଧ କରିବି କଣ, ତାଙ୍କ ସହ ସମ୍ମୁଖୀନ ହେବାକୁ ତ ଏତେଦିନ ବିତିଗଲା । ତେଣୁ ମଦ୍ରରାଜଙ୍କ ଆକ୍ଷେପ ଯଥାର୍ଥ । ତାଙ୍କର ଆଶ୍ଳେଷଭରା ବାକ୍ୟ ମୋ ହୃଦୟକୁ ଶରବିଦ୍ଧର ଯନ୍ତ୍ରଣା ଦେଉଥିଲେ ମଧ୍ୟ ମୁଁ ନାଚାର । ମୋତେ ମୋର କର୍ତ୍ତବ୍ୟ କରିବାକୁ ପଡ଼ିବ । ଧର୍ମ ପାଳିବାକୁ ହେବ, ଦୁର୍ଯ୍ୟୋଧନଙ୍କୁ ଦେଇଥିବା ପ୍ରତିଶ୍ରୁତି ମାନିବାକୁ ପଡ଼ିବ ।

ମୋର ଅସଲ ପରିଚୟ ମଦ୍ରରାଜଙ୍କ ପାଖରେ ଅଜ୍ଞାତ । ମୁଁ କ୍ଷତ୍ରିୟ ପୁଣି ସୂର୍ଯ୍ୟସନ୍ତାନ । ଏହା କେବଳ ମଦ୍ରରାଜଙ୍କ ପାଖରେ କାହିଁକି ସର୍ବସାଧାରଣରେ ମଧ୍ୟ ଅଜ୍ଞାତ । ମୋର ନିଜସ୍ୱ ଭାଗ୍ୟର ବିପର୍ଯ୍ୟୟ ହେଉ ଏହା ପଛରେ ଅନ୍ୟକିଛି କାରଣ ଲୁକ୍କାୟିତ ଥାଉ । କୁରୁବଂଶର ପ୍ରଥମ ପାଣ୍ଡବ ହୋଇ ମଧ୍ୟ ସୂତପୁତ୍ରର ବନ୍ଧନ ମୋତେ ଚିରଦିନ ଲାଗି କ୍ଷତ୍ରିୟରୁ ଦଳିତ କରିଦେଇଛି । ସେହି କଟା ଘା'ରୁ ଝରୁଥିବା ରକ୍ତକେବେ ଶୁଖିନି, କି ଶୁଖିବନି ମଧ୍ୟ । ଭଗବାନ କରନ୍ତୁ ମୋ ପରି ଦଳିତ, ଭାଗ୍ୟହୀନ ଜୀବନ ଆଉ କାହା ଜୀବନରେ ଯେମିତି ନଆସୁ । ସେହି ଆଶାବାଦୀ ମନ ନେଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତଟିଏ ହୋଇ ମୋତେ ବଞ୍ଚିବାକୁ ପଡ଼ିବ ।

ମୁଁ କର୍ଣ୍ଣ, ମୋର ସମଗ୍ର ଜୀବନର ତ୍ୟାଗ, ଦୀର୍ଘଶ୍ୱାସ ଆଗାମୀ ଭବିଷ୍ୟତରେ ଦଳିତମାନଙ୍କ ଆଖିର ଲୁହକୁ ଯଦି ପୋଛିଦେଇ ପାରିଲା, ତେବେ ତାହାହିଁ ମୋ ଜୀବନର ପରମଶାନ୍ତି, ଚରମ ତୃପ୍ତି । ମୋ ଶରୀର ଜଳିଜଳି ନିଃଶେଷ ହୋଇଯାଉ ପଛେ ମୋ ଅନ୍ତେ କୌଣସି ଦଳିତର ଅର୍ନ୍ତରାତ୍ମା ନକାନ୍ଦୁ ଏହି ବିଶ୍ୱାସ ନେଇ ମୁଁ ଜୀବନ କାଟିଦେବି । ମୁଁ ସୂର୍ଯ୍ୟସନ୍ତାନ ହୋଇ ଯଦି ଏତେ ଦହନ ମଧ୍ୟରେ ଜୀବନ କାଟିଦେଲି, ଅଭିଶପ୍ତ ଜୀବନ ନେଇ ବଞ୍ଚିରହିଲି, ତେବେ ମୋ ଅନ୍ତେ ଏମିତି ଦୁଃଖ ଜୀବନ କାହା ଜୀବନରେ ଯେମିତି ନଆସୁ ।

ସେଦିନ ଏମିତି ଅନାବନା ଚିନ୍ତା କରିକରି ମୁଁ ନିଦ୍ରାଗଲି । ମୋ ମନରେ କେବଳ ଉଙ୍କି ମାରୁଥିଲା ମୋ ପ୍ରତି ହେଉଥିବା ସମସ୍ତ ଲାଞ୍ଛନା, ନିର୍ଯାତନାର କଟୂକ୍ତି ଗୁଡ଼ିକ । ଜାଣେନା, ଆଗାମୀକାଲି ମୋ ଭାଗ୍ୟରେଖାରେ ପୁଣି କ'ଣ ଲେଖାଅଛି ।

- ପଚଶ -

ସମୟ ଗଡ଼ି ଚାଲିଛି । ଅତିକ୍ରାନ୍ତ ହେଉଛି ଦିନ ପରେ ଦିନ । ତଥାପି ଯୁଦ୍ଧ ବିରତି ହୋଇପାରିନି । ଏ ଯୁଦ୍ଧରୁ କିଏ କ'ଣ ପାଇଛି, କିଏ କ'ଣ ହରାଇଛି, ତାହାର ସଠିକ୍ ହିସାବ କାହାରି ପାଖରେ ନାହିଁ । ତେବେ ଏତିକି କହିବି, ମହାସମରର ଷୋଡ଼ଶ ଓ ସପ୍ତଦଶ ଦିବସ ମହାକାଳର ଇତିହାସ ପୃଷ୍ଠାରେ ଚିର ଜାଜ୍ୱଲ୍ୟମାନ ହୋଇରହିବ ନିଶ୍ଚିତ । ସମୟ ହୁଏତ କହିପାରେ, ଏ ମହାସମରର ପରିସମାପ୍ତି କେବେ ?

ସବୁଦିନ ପରି ପ୍ରାତଃରୁ ଶଯ୍ୟାତ୍ୟାଗ କରି ସ୍ନାନକର୍ମ ସାରିଲି । ମୋର ଆରାଧ୍ୟ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରି ଶିବିରକୁ ଫେରିଲି । ପୁତ୍ର ବୃଷସେନଙ୍କ ସହ ସାକ୍ଷାତ କଲି । ପରିତୃପ୍ତ ନୟନରେ ପୁତ୍ରକୁ ଆପାଦମସ୍ତକ ନିରୀକ୍ଷଣ କଲି ମୋ ବକ୍ଷଲଗ୍ନ କରି ତାକୁ ଆଲିଙ୍ଗନ କଲି । ସତରେ ଯେମିତି ତାକୁ ବହୁତଦିନ ଧରି ଦେଖି ନଥିଲି, ଏଇ ମାତ୍ର ଦେଖୁଛି । କିଏ କହିପାରେ, ତା ସହିତ ମୋର ଆଉ କେବେ ଦେଖା ହେବ କି ନା, ଏ ଯୁଦ୍ଧ କାହାକୁ ନେବ, କାହାକୁ ରଖିବ ତାର ମଧ୍ୟ କିଛି ନିର୍ଦ୍ଦିଷ୍ଟ ଠିକଣା ନାହିଁ ।

ବୃଷସେନ ଯୁଦ୍ଧରେ ଭାଗ ନେଇଛି । ବୀର ପିତାର ସୁଯୋଗ୍ୟ ଦାୟାଦ ସେ । ଯୁଦ୍ଧର ସେତେ ବେଶି ଅଭିଜ୍ଞତା ନଥିଲେ ମଧ୍ୟ କୌଣସି ଗୁଣରେ ସେ କମ୍ ନୁହେଁ । ମୋ ସାମନାରେ ସେ ନମ୍ରତାର ସହ ଛିଡ଼ା ହୋଇଥିଲା । ମୋତେ କେବଳ ନିରେଖି ଚାହିଁ ରହିଥିଲା । ମୋତେ ଲାଗୁଥିଲା ବୃଷସେନ ବୋଧହୁଏ ମୋତେ କିଛି କହିବାକୁ ଚାହୁଁଛି ଅଥଚ କହିପାରୁନି ।

ଯୁଦ୍ଧକୁ ବାହାରିବାର ସୂଚନା ଦେଇ ରହିରହି ବାଜିଉଠିଲା ଯୁଦ୍ଧବାଦ୍ୟ । ଏଇମାତ୍ର ଗୁପ୍ତଚର ଠାରୁ ସମ୍ବାଦ ଆସିଛି ଅର୍ଜୁନ ଆଜି ଯୁଦ୍ଧରେ ମୋତେ ବଧ କରିବାପାଇଁ ଦୃଢ଼ପ୍ରତିଜ୍ଞ । ଉପସ୍ଥିତ ଅନ୍ୟମାନେ ଏ ସମ୍ବାଦରେ ଭୟଭୀତ ହୋଇପଡ଼ିଲେଣି । ମୋ ମନରେ କିନ୍ତୁ ଭୟ ନାହିଁ । କାରଣ ପ୍ରକାଶ ନକଲେ ମଧ୍ୟ ଅର୍ଜୁନ ବଧ ମୋର ମଧ୍ୟ ବକ୍ରଶପଥ । କର୍ଣ୍ଣ ଭୀରୁ ନୁହେଁ, କାପୁରୁଷ ନୁହେଁ । ତାଛଡ଼ା ଜଣେ ବୀର ପାଇଁ ଭୟ ପୁଣି କ'ଣ ? ଅନ୍ୟମାନଙ୍କ ପାଇଁ ଯାହା ମୃତ୍ୟୁଭୟ ଜଣେ ବୀର ପାଇଁ ସେ ତ ବୀରଗତି । କାରଣ ବୀରର ମୋକ୍ଷ ତ ତାର ବୀରତ୍ୱରେ । ଯୁଦ୍ଧକ୍ଷେତ୍ରରେ ବୀରଗତି ଅବା ବିଜୟ ଏହି ଦୁଇଟିରୁ ଗୋଟିଏ ତ ନିଶ୍ଚିତ ହେବ । ତେଣୁ ଆଜିର ଫଳାଫଳ ଯାହା ହେଉନା କାହିଁକି, ତାହାହିଁ ମୋ ପାଇଁ ଯଶ ।

ଆଜିର ଯୁଦ୍ଧହେବ କର୍ଣ୍ଣାର୍ଜୁନ ଯୁଦ୍ଧ । ଆମ ଦୁହିଁଙ୍କ ମଧ୍ୟରୁ ଜଣକର ବିଜୟ ହେଲେ ଅନ୍ୟଜଣକର ବୀରଗତି । ଯାହାହେଲେ ମଧ୍ୟ ମାତାକୁନ୍ତୀଙ୍କୁ ଦେଇଥିବା ବଚନ ଅକ୍ଷୁଣ୍ଣ ହୋଇ ରହିବ । ତାଙ୍କର ପଞ୍ଚପୁତ୍ରଙ୍କ ଜନନୀ ହେବାର ଯଶ ସାମାନ୍ୟ ବି ଊଣା ହେବନାହିଁ । ମାତାଙ୍କ ବଚନ ରକ୍ଷା କରିବାର ଗୌରବରେ ଉତ୍‌ଫୁଲ୍ଲିତ ହୋଇ ସାରଥୀଙ୍କୁ ଆଦେଶ ଦେଲି ରଥ ଆଗେଇ ନେବାପାଇଁ ।

ଗୋଟିଏ ପରେ ଗୋଟିଏ ପାଣ୍ଡବ ମୋ ସହ ଯୁଦ୍ଧ କରିବାପାଇଁ ଆଗେଇ ଆସୁଥିଲେ । ପୂର୍ବପରି କାହାରିକୁ ବଧ ନକରି କେବଳ ଆଘାତ କରି ଛାଡ଼ିଦେଲି । ଏ ପର୍ଯ୍ୟନ୍ତ କିନ୍ତୁ ଅର୍ଜୁନ ଆସି ନଥାନ୍ତି ମୋ ସାମନାକୁ । ଖବର ପାଇଲି ଅର୍ଜୁନ ଏବେ ପୁତ୍ର ବୃଷସେନଙ୍କ ସହ ଯୁଦ୍ଧରତ । ପୁତ୍ରର ଜୀବନ ଯେ ସଂକଟାପନ୍ନ ଏହା ନିଶ୍ଚିତ ଜାଣି ସୁରକ୍ଷା ଦେବାପାଇଁ ସାରଥୀଙ୍କୁ ବୃଷସେନଙ୍କ ପାଖକୁ ନେବାକୁ ନିର୍ଦ୍ଦେଶ ଦେଲି । ସାରଥୀ ମୁହଁରେ ପୂର୍ବପରି ସେଇ କଟୂକ୍ତିର ଭାଷା । ଆପଣ ଏକାକୀ ପାରିବେନି ଅଂଗରାଜ । ଆଉ କିଛି ଜଣଙ୍କୁ ସଂଗରେ ନେଇଯାଆନ୍ତୁ ।

ସାରଥୀଙ୍କ ବାକ୍ୟବାଣରେ ମୁଁ ଜର୍ଜରିତ । ସାରଥୀ କେମିତି ଜାଣିବ ମୋ ପରାକ୍ରମ କେତେ ? ସାରଥୀ କିନ୍ତୁ ନିର୍ବିକାର ଚିତ୍ତରେ କହି ଚାଲୁଥାଏ । କିଶୋର ଅଭିମନ୍ୟୁଙ୍କୁ ବଧ କରିବାପାଇଁ ସେଦିନ ସପ୍ତରଥୀର ଆବଶ୍ୟକତା ପଡ଼ିଥିଲା । ଆଉ ଏବେ ଆପଣ କ'ଣ ଏକୁଟିଆ ଅର୍ଜୁନଙ୍କୁ ସାମନା କରିପାରିବେ ?

ସାରଥୀଙ୍କ ତାଚ୍ଛଲ୍ୟତାର ହସ ମୋ ବୀରତ୍ୱ ପ୍ରତି ଯେତେ ନିଷ୍ଠୁର ଆକ୍ଷେପ ହେଲେ ମଧ୍ୟ, ମୋତେ ତ ଏହା ସହିବାକୁ ବାଧ୍ୟ । କ୍ରୋଧରେ ମୁଁ ଜର୍ଜରିତ । ମୁଁ ରଥୀ । ରଥ ମୋ ଆଦେଶରେ ଚାଲିବା ହିଁ ଧର୍ମ । ଅଥଚ ସାରଥୀର ବାରମ୍ବାର ଏଭଳି କ୍ରୁର ଅଟ୍ଟହାସ୍ୟ ମୋତେ ଦୁର୍ବଳ କରିଦେବାର ପ୍ରୟାସ ନୁହେଁ ତ ?

ଶେଷରେ ମୋ ରଥ ଅଟକିଲା ଯାଇ ବୃଷସେନ, ଅର୍ଜୁନଙ୍କ ଯୁଦ୍ଧସ୍ଥଳରେ । ମୋତେ ଦେଖିବାମାତ୍ରେ ଅର୍ଜୁନ ଉତ୍ତେଜିତ ହୋଇ ଭର୍ତ୍ସନା କରି କହିଲେ, ହେ କର୍ଣ୍ଣ, ମହାବୀର ବୋଲି ତୁମର ଅନେକ ଗର୍ବ । କିନ୍ତୁ କିଶୋର ଅଭିମନ୍ୟୁଙ୍କୁ ସେଦିନ ଏକୁଟିଆ ବଧ କରି ପାରିଲନି ଯେ, ସପ୍ତରଥୀ ମିଳିତ ଭାବେ ଯୁଦ୍ଧକଲ । ପୁଣି ତାର ବଧ ହୋଇଥିଲା ଅନ୍ୟାୟ ଭାବରେ, ନିରସ୍ତ୍ର ଥିବା ଅବସ୍ଥାରେ । ମୁଁ କିନ୍ତୁ ସେପରି କରିବିନି । ତୁମ ପୁତ୍ର ବୃଷସେନଙ୍କୁ ସଶସ୍ତ୍ର ଅବସ୍ଥାରେ ମୁଁ ଏବେ ବଧ କରିବାକୁ ଯାଉଛି, ପାରୁଛ ଯଦି ରକ୍ଷାକର । ଏତକ କହି ଅର୍ଜୁନ ତାଙ୍କ ଧନୁରୁ ଏକ ମାରଣ ଅସ୍ତ୍ର ପ୍ରୟୋଗ କଲେ । ବୃଷସେନ ସେଇଠାରେ ହିଁ ଟଳିପଡ଼ିଲେ ।

ହାୟରେ ହତଭାଗା କର୍ଣ୍ଣ, ଶେଷରେ ଏଇଆ ଦେଖିବାକୁ ସେ ବଞ୍ଚି ରହିଥିଲା । ତା ପୂର୍ବରୁ ହେଲେ କର୍ଣ୍ଣର ବଧ ହୋଇଯାନ୍ତା ।

ମୋର ଆଗରେ ମୋର ପ୍ରିୟପୁତ୍ର ବୃଷସେନ ଚାଲିଗଲେ । ମୁଁ କିଛି ବି କରିପାରିଲି ନାହିଁ ରାଗ ଆସୁଥିଲା ମୋ ନିଜ ଉପରେ । ଧିକ୍କାର ଜାଗୁଥିଲା ମୋର ପିତୃତ୍ୱକୁ, ମୋ ବୀରତ୍ୱକୁ । ମୋ ମନର ସମସ୍ତ ଗର୍ବ, ଦମ୍ଭ, ଦର୍ପ, ଅହଂକାର ଭାଂଗି ଚୁରମାର ହୋଇ ଯାଉଥିଲା । ସାରାଜୀବନ ଧରି ସଂଚିତ ମୋର ସମସ୍ତ ଯଶକୀର୍ତ୍ତି କ୍ଷଣିକରେ ଧୂଳିସାତ୍ ହୋଇଗଲା । ନିଜ ଜୀବନ ପ୍ରତି ବିତୃଷ୍ଣା ଆସିଗଲା । ମୋର ଏବେ ବଞ୍ଚି ରହିବାର ଲାଭ କ'ଣ ? ପିତା ହୋଇ ପୁତ୍ରକୁ ଯେଉଁଠି ସୁରକ୍ଷା ଦେଇପାରିଲି ନାହିଁ, ସେଠି ମୋ ଜୀବନର ମୂଲ୍ୟ କ'ଣ ?

କିଛିସମୟ ଏଣୁତେଣୁ ଭାବନାରେ ମଜ୍ଜିରହି ଶେଷରେ ଅସ୍ଥିର ମନକୁ ନିଜେ ହିଁ ସାନ୍ତ୍ୱନା ଦେଇ ବୁଝାଇଦେଲି, ଏବେ ମୋର ଶୋକ କରିବାର ବେଳ ନୁହେଁ । ଲକ୍ଷ୍ୟ ମୋର ଏବେବି ପୂରଣ ହୋଇନି । ଏବେବି ଅପୂରଣୀୟ ହୋଇ ରହିଛି ମୋର କର୍ତ୍ତବ୍ୟ । ଯାହାର ପ୍ରତୀକ୍ଷାରେ ମୁଁ ଏଯାଏଁ ବଞ୍ଚିରହିଛି । ପୁତ୍ରହତ୍ୟାର ପ୍ରତିଶୋଧ ମୋତେ ନେବାକୁ ପଡ଼ିବ ।

ଅର୍ଜୁନ ଏବେ ମୋ ଉପରେ ଆରମ୍ଭ କରି ଦେଲେଣି ପ୍ରଚଣ୍ଡ ଆକ୍ରମଣ । ମୁଁ ମଧ୍ୟ ପ୍ରତ୍ୟାକ୍ରମଣ କରିବାକୁ ଲାଗିଲି । ସମୟ ଧୀରେଧୀରେ ଅତିକ୍ରାନ୍ତ ହେବାକୁ ଯାଉଛି । ମଧ୍ୟାହ୍ନ ଗଡ଼ିଯାଇ ଅପରାହ୍ନ ହେବାକୁ ବସିଲାଣି । ତଥାପି ଆମ ଯୁଦ୍ଧର ଅନ୍ତନାହିଁ । ଉଭୟ ଉଭୟଙ୍କୁ ଆକ୍ରମଣ କରିବାରେ ବ୍ୟସ୍ତ । ଶକ୍ତି ଓ ସାମର୍ଥ୍ୟ ଅନୁଯାୟୀ ଉଭୟ ଉଭୟଙ୍କ ପ୍ରତି ଅସ୍ତ୍ରାଘାତ କରୁଛୁ । କେହି କାହାକୁ ପଛଘୁଞ୍ଚା ଦେଉ ନଥାଉ । ଅର୍ଜୁନଙ୍କ ଯୁଦ୍ଧକୌଶଳ ଦେଖି ମୁଁ ନିଜେ ସ୍ତମ୍ଭୀଭୂତ । ଆଚାର୍ଯ୍ୟଙ୍କ ସେ କେବଳ ପ୍ରିୟ ଶିଷ୍ୟ ନୁହଁନ୍ତି ଯୋଗ୍ୟ ମଧ୍ୟ । ଧନୁର୍ବିଦ୍ୟାରେ ଧୂରୀଣ । ସ୍ୱୟଂ କେଶବ ଯାହାଙ୍କ ଅନ୍ତରଂଗ ସଖା, ପୁଣି ସାରଥୀ । ସେଭଳି ବୀରଙ୍କୁ ବୀରଗତି ଦେବା କ'ଣ ଏତେ ସହଜ ? ସବୁ ଜାଣି ମଧ୍ୟ ମୁଁ ମୋର ସମସ୍ତ ଶକ୍ତି ଖଟାଇ ଯୁଦ୍ଧ କରୁଥାଏ ।

ଯୁଦ୍ଧ ମଝିରେ ସାରଥି ମଦ୍ରରାଜ ମୋ ପ୍ରତି ନିରୁତ୍ସାହିତ ବାଣୀ ପ୍ରୟୋଗ କରି ମୋ ବୀରତ୍ୱକୁ ଆହୁରି ମଳିନ କରି ଦେଉଥାନ୍ତି । ଧୀରେଧୀରେ ହଜି ଯାଉଥାଏ କର୍ଣ୍ଣର କର୍ଣ୍ଣତ୍ୱ । ଭୀଷଣ ମାନସିକ ଅସ୍ଥିରତାରେ ମୁଁ ଅନ୍ୟମନସ୍କ ହୋଇ ପଡୁଥିଲି । ଏଇ ସୁଯୋଗରେ ଅର୍ଜୁନଙ୍କ ତୀକ୍ଷ୍ଣବାଣ ମୋ ବାମବାହୁକୁ ବିଦ୍ଧ କଲା । ବଳପୂର୍ବକ ବାଣଟିକୁ ବାହାର କରିସାରିଲା ପରେ ମଧ୍ୟ ମୁଁ ନିଜକୁ ଦୁର୍ବଳ ଅନୁଭବ କଲି । ଧନୁଛାଡ଼ି ଖଡ୍ଗ ଉଠାଇଲି । କିନ୍ତୁ ସେଇ ସମୟରେ ମୋ ରଥଚକ୍ରଟି ଭୂମି ଭିତରେ ପଶିଗଲା । ଆଉ ଚଳିଲା ନାହିଁ । ଆଉ ଠିକ୍ ସେଇ ମୁହୂର୍ତ୍ତରେ ହରେଇ ବସିଲି ମୋର ସକଳ ଦିବ୍ୟାସ୍ତ୍ରର ଜ୍ଞାନ । ମୋର ଏବେ ଆଉ କିଛି ବୁଝିବାକୁ ବାକି ରହିଲାନି । ଗୁରୁ, ବ୍ରାହ୍ମଣଙ୍କ ଦାରୁଣ ଅଭିଶାପ ଏବେ ମୋ ପାଇଁ କାଳ ସାଜିଛି । ମୋ ଜୀବନର ସଂକଟମୟ କାଳ ଏବେ ଉପସ୍ଥିତ । ମଦ୍ରରାଜ ରଥରୁ ଓହ୍ଲାଇ ଯେତେ ଚେଷ୍ଟାକଲେ ମଧ୍ୟ ରଥ ଚକକୁ ଟେକିପାରିଲେ ନାହିଁ । ବାଧ୍ୟହୋଇ ନିରସ୍ତ୍ର ଅବସ୍ଥାରେ ରଥରୁ ଓହ୍ଲାଇ ଆସିଲି । ରଥଚକ ଟେକିବାର ପ୍ରଚେଷ୍ଟାରେ ଲାଗିପଡ଼ିଲି । କିନ୍ତୁ ସକଳ ଚେଷ୍ଟା ମୋର ବ୍ୟର୍ଥ ହୋଇଗଲା ।

ନିରୁପାୟ ହୋଇ ଅର୍ଜୁନଙ୍କୁ ମୋ ଉପରକୁ ଅସ୍ତ୍ର ପ୍ରହାର ନ କରିବାକୁ ଅନୁରୋଧ କଲି । କୃଷ୍ଣ କିନ୍ତୁ ତାଙ୍କୁ ମୋ ଉପରକୁ ଅସ୍ତ୍ର ପ୍ରହାର କରିବାକୁ ନିର୍ଦ୍ଦେଶ ଦେଉଥାନ୍ତି । ତଥାପି, ଅର୍ଜୁନ ନିରସ୍ତ୍ର ଉପରକୁ ଅସ୍ତ୍ରପ୍ରହାର କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ମନେମନେ କୃତଜ୍ଞତା ଜଣାଉଥିଲି ଅର୍ଜୁନଙ୍କୁ । ଶତ୍ରୁ ହେଲେ ମଧ୍ୟ ନିଜ ଧର୍ମପାଳନ କରିବାକୁ ସେ ପକ୍ଷପାତୀ । କପଟୀ କୃଷ୍ଣ କିନ୍ତୁ ଅର୍ଜୁନଙ୍କୁ ସେଇ ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ କଥା କହି ବୁଝାଉଥାନ୍ତି । ମୋତେ ଲକ୍ଷ୍ୟକରି କହୁଥାନ୍ତି ହେ କର୍ଣ୍ଣ, ସେଦିନ ସପ୍ତରଥୀ ମିଶି ଅଭିମନ୍ୟୁକୁ ବଧ କଲାବେଳେ ତୁମର ଧର୍ମ କେଉଁଠି ଥିଲା ? ବାରୁଣାବନ୍ତରେ ଜତୁଗୃହ ଦାହ, ଭୀମଙ୍କୁ ବିଷଲଡୁ ଖୁଆଇବା, ସର୍ବୋପରି ଦ୍ରୌପଦୀଙ୍କ ବସ୍ତ୍ରହରଣ ବେଳେ କେଉଁଠି ଥିଲା ତୁମର ଧର୍ମ । ଚିରଦିନ ତୁମେ ପାପର ପକ୍ଷକୁ ସମର୍ଥନ କରିଆସିଛ । ଆଉ ଏବେ ସଂକଟ କାଳରେ ଧର୍ମକଥା ଉଠାଇ ଅଯଥାରେ ବିବ୍ରତ କରୁଛ କାହିଁକି ? ତୁମକୁ ତୁମର ଦଣ୍ଡ ଭୋଗିବାକୁ ପଡ଼ିବ ।

ଅର୍ଜୁନଙ୍କୁ ଲକ୍ଷ୍ୟକରି କୃଷ୍ଣ ମୋ ଉପରକୁ ଅସ୍ତ୍ରପ୍ରହାର କରିବାକୁ କହନ୍ତେ, ଅର୍ଜୁନଙ୍କ ଗାଣ୍ଡିବ ଧନୁରୁ ଛୁଟିଆସିଲା ଏକ ଭୟଙ୍କର ଘାତକ ଅସ୍ତ୍ର । ଯାହା ମୋ ବକ୍ଷଭେଦ କରି ବାହାରିଗଲା । ରଥଚକକୁ ଉପରକୁ ଟେକିବା ଅବସ୍ଥାରେ ମୁଁ ସେଇଠାରେ ଟଳିପଡ଼ିଲି । ମୋର ଯେ ମୃତ୍ୟୁ-ଆସୀନ ଏହା ମୁଁ ଭଲଭାବରେ ଜାଣିପାରିଲି ।

ଆସନ୍ନ ମୃତ୍ୟୁକୁ ଅପେକ୍ଷାକରି ମୁଁ ଏବେ କୁରୁକ୍ଷେତ୍ର ମାଟିରେ ପଡ଼ିରହିଛି । କୁରୁକ୍ଷେତ୍ର ଏବେ ଜନଶୂନ୍ୟ । ମୋର ବୀରଗତି ହୋଇଗଲା ବୋଲି ଧରିନେଇ ମୋତେ ଛାଡ଼ି ସମସ୍ତେ ଚାଲିଗଲେଣି । ମୁଁ ଖାଲି ପଡ଼ିରହିଛି ଏକାକୀ, ସ୍ତୁପୀକୃତ ଶବ ମଧ୍ୟରେ ଅର୍ଦ୍ଧଚେତନ ଅବସ୍ଥାରେ ମୁଁ ଶାୟିତ । ମୋ ଜୀବନର ଅନ୍ତିମଲଗ୍ନ ଏବେ ଆସନ୍ନ । ଶରବିଦ୍ଧ ମୋ ରକ୍ତାକ୍ତ ଶରୀରରୁ ରକ୍ତକ୍ଷରିତ ହୋଇ ମୁଁ ହୋଇଯାଇଛି ରକ୍ତଶୂନ୍ୟ ।

(କ୍ରମଶଃ)

+ବ

ଜନଜାତି ଚିତ୍ରଶିଳ୍ପୀ ଓ କାରିଗର ସମ୍ମାନିତ

ଭୁବନେଶ୍ୱର,୨୦/୦୪ (ନି.ପ୍ର): ଜନଜାତି ଶିଳ୍ପୀ ଓ କାରିଗରଙ୍କ ମଧ୍ୟରେ ବହୁ ପ୍ରତିଭା ରହିଛି । ଜନଜାତିମାନେ ପାରମ୍ପରିକ କଳାନୈପୁଣ୍ୟ ମାଧ୍ୟମରେ ପରମ୍ପରା ଓ ସଂସ୍କୃତିକୁ ସାଇତି ରଖିଥାନ୍ତି । ପରମ୍ପରାକୁ ସମ୍ମାନ ଦେବାର ଅନୁରାଗ ସେମାନଙ୍କ ମଧ୍ୟରେ ରହିଛି । ଜନଜାତି ଚିତ୍ରଶିଳ୍ପୀ ଓ କାରିଗରଙ୍କ ନିମନ୍ତେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଜନଜାତି ଚିତ୍ରକଳା ଓ କଳାବସ୍ତୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମ୍ବର୍ଦ୍ଧନା ସମାରୋହ ଆଜି ପୂର୍ବାହ୍ନରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲ୍‌କ୍ରିଷ୍ଣନ୍ ଉଦ୍‌ଘାଟନ କରିଥିଲେ ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା କହିଲେ ଯେ, ଜନଜାତି ଚିତ୍ରଶିଳ୍ପୀ ଓ କାରିଗରମାନଙ୍କ ମଧ୍ୟରେ ଏଭଳି ପ୍ରତିଯୋଗିତା ଏକ ବଡ଼ ପ୍ଲାଟ୍‌ଫର୍ମ ସୃଷ୍ଟି କରିପାରିବ । ଏହାକୁ ଅଧିକ ସଶକ୍ତ କରିବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିବ। ଏହା ସେମାନଙ୍କର ସ୍ୱୀୟ କଳାନୈପୁଣ୍ୟତାକୁ ସଂରକ୍ଷଣ ଦେବା ସହିତ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରି ଓତା କହିଥିଲେ ଯେ ଚଳିତ ବର୍ଷଠାରୁ ଜନଜାତି ଚିତ୍ରଶିଳ୍ପୀ ଓ କାରିଗରମାନଙ୍କ ମଧ୍ୟରେ ଏଭଳି ପ୍ରତିଯୋଗିତା ଆରମ୍ଭ କରାଯାଇଛି । ତୃଣମୂଳ ସ୍ତରରୁ ଏହି ପ୍ରତିଭା ଚୟନ କରାଯାଇଛି ।

ସମ୍ବର୍ଦ୍ଧନା ସମାରୋହ ପୂର୍ବରୁ ମୁଖ୍ୟ ଅତିଥି ପିଭିଟିଜି ଗ୍ୟାଲେରିର ଭିତରେ ଥିବା ପ୍ରୋଜେକ୍‌ସନ୍ ମ୍ୟାପିଂ କକ୍ଷର ଶୁଭ ଉଦ୍‌ଘାଟନ କରିବା ସହ କୃତୀ ଚିତ୍ରଶିଳ୍ପୀ ଓ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଜନଜାତି ଚିତ୍ରକଳା ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ ଓ ଏହାର ଭୂୟସୀ ପ୍ରଶଂସା କରିଥିଲେ ।

ଓଡ଼ିଶାର ଆଇଟିଡ଼ିଏ ତଥା ମାଇକ୍ରୋପ୍ରୋଜେକଫ ଅଂଚଳରୁ ବଛାହୋଇ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଲାଭ କରିଥିବା ୧୪୬ଟି ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ଥାନ ପାଇଥିଲା । ୧୨୪ ଜଣ ଆଦିବାସୀ ପ୍ରତିଭାଙ୍କ ମଧ୍ୟରୁ ୨୬ ଜଣ କନିଷ୍ଠ ବର୍ଗରେ ଓ ୭୩ ଜଣ ବରିଷ୍ଠ ବର୍ଗ ଚିତ୍ରକଳାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ୧୨୪ ଜଣ କାରିଗର ଓ ଚିତ୍ରଶିଳ୍ପୀ, ଓଡ଼ିଶାର ୨୫ଟି ଜନଜାତି ଗୋଷ୍ଠୀ(ଉପଗୋଷ୍ଠୀ ସମେତ) ପ୍ରତିନିଧିତ୍ୱ କରିଥିଲେ।

ବରିଷ୍ଠ ବିଭାଗରେ ଚିତ୍ରକଳାରେ ଯୁଗ୍ମ ଭାବରେ ପ୍ରଥମ ପୁରସ୍କାର ରବିନାଥ ଶବର ଓ କୁନେଶ ଗମାଙ୍ଗୋ, ଦ୍ୱିତୀୟ ପୁରସ୍କାର ଲିପ୍‌ସା ସମାଦ ଓ ଗୋରେଖ ଚନ୍ଦ୍ର ନାୟକ, ତୃତୀୟ ପୁରସ୍କାର ପରମାନନ୍ଦ କାଇନ୍ଦା ଓ ମାନସ ରଞ୍ଜନ ନାଏକଙ୍କୁ ପ୍ରଦାନ କରାଯାଇଥିଲା। କନିଷ୍ଠ ବର୍ଗରେ ଚିତ୍ରକଳାରେ ପ୍ରଥମ ପୁରସ୍କାର ଯୁଗ୍ମ ଭାବେ ଉମେଶ କୁମାର ହେମ୍ବ୍ରମ୍ ଓ ଲକ୍ଷ୍ମୀ ମାରାଣ୍ଡି, ଦ୍ୱିତୀୟ ପୁରସ୍କାର ଓମ୍ ଅଙ୍କିତ୍ ବରିହା ଓ ଗୌତମ ସିଂ ଏବଂ ତୃତୀୟ ପୁରସ୍କାର ସାବିତ୍ରୀ ମାଝୀ ଓ ଅଲୁପା ଶବର ପାଇଥିଲେ।

ସେହିଭଳି କଳାବସ୍ତୁ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ସମରାଏ ମୁର୍ମୁ ଓ ସାବେନ୍ ମାଙ୍କେଡିଆ, ଦ୍ୱିତୀୟ ପୁରସ୍କାର ବସନ୍ତ କୁମାର ହାଂସଦା ଓ ସୁମତି ମହାପାତ୍ର ପାଇଥିଲେ। ତୃତୀୟ ପୁରସ୍କାର ଚନ୍ଦ୍ରସେନ ମାଝୀ ଓ ରିନ୍‌ଡ଼ି ମୁର୍ମୁ ପାଇଥିଲେ। ଏହି ଅବସରରେ ଜନଜାତି ଚିତ୍ରକଳା ଓ କଳାସାମଗ୍ରୀ ପ୍ରତିଯୋଗୀ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା ।

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଭାଗିତାରେ ଏସ୍‌ସିଏସ୍ ଟିଆରଟିଆଇ, ଓଡ଼ିଶା ସରକାର, ଓଡ଼ିଶାର ଜନଜାତିଙ୍କ ବିରଳ ଚିତ୍ର ଓ କଳାବସ୍ତୁର ପ୍ରଚାର ଓ ପ୍ରସାର ପାଇଁ ବିହିତ ପଦକ୍ଷେପ ନେଇଛନ୍ତି । ନିଜସ୍ୱ ଜ୍ଞାନକୌଶଳ ଆଧାରରେ ଜନଜାତିଙ୍କ ମୌଳିକ ବସ୍ତୁ ସଂସ୍କୃତିର ସଂରକ୍ଷଣ ପାଇଁ ଏହା ଏକ ଅଭିନବ ପ୍ରୟାସ ।

ଗ୍ରାହକ ଉପରେ ମହଙ୍ଗା ମାଡ଼ : ବନ୍ଦ ପଡ଼ିଛି ୪ ଚିନି କଳ

ଭୁବନେଶ୍ୱର,୨୦/୦୪ (ନି.ପ୍ର): ବନ୍ଦ ପଡ଼ିଛି ୬ରୁ ୪ ଚିନି କଳ। ଆବଶ୍ୟକତା ପୂରଣ କରୁନି ରାଜ୍ୟ। ଏଥିଯୋଗୁଁ ଆମଦାନି ଚିନି ଉପରେ ପଡ଼ିଛି ପେଟ୍ରୋଲିୟମ ଦରବୃଦ୍ଧିର ମାଡ଼। ୨୦୧୯ ମସିହାରେ ବିଧାନସଭାରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସୂଚନା ଅନୁସାରେ ରାଜ୍ୟରେ ୨.୨୧ ଲକ୍ଷ ମେଟ୍ରିକ ଟନ୍ ଚିନିର ଚାହିଦା ରହିଛି। ଢେଙ୍କାନାଳ, ଆସ୍କା ବ୍ୟତୀତ ବରଗଡ଼, ବଲାଙ୍ଗୀର, ନୟାଗଡ଼, ବଡ଼ୟା ସମବାୟ ଚିନି କଳ ବନ୍ଦ ହୋଇଯାଇଥିବାରୁ ଚିନି ପାଇଁ ଓଡ଼ିଶାକୁ କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ଯାହାର ଦୂରତା ଏକ ହଜାର କିଲୋମିଟରରୁ ଅଧିକ ଅଟେ। ତେଣୁ ଡିଜେଲ ଦର ବୃଦ୍ଧି ମାଡ଼ ଗ୍ରାହକଙ୍କ ଉପରେ ପଡୁଛି।

୨୦୧୩, ୨୦୧୪ ମସିହାରୁ ଚିନି କଳ ବନ୍ଦ ହେବା ଯୋଗୁଁ ସେହି ସମୟରୁ ହିଁ ଆଖୁ ଉତ୍ପାଦନ ହ୍ରାସ ପାଇଛି। ୧୯୯୧ ମସିହାରେ ୫୦୫୫ ହଜାର ହେକ୍ଟର ଆଖୁ ଚାଷ ହେଉଥିଲା ବେଳେ ୨୦୨୧ ମସିହାରେ ୨୧୦୦ ହଜାର ହେକ୍ଟରକୁ ପହଞ୍ଚିଛି। ଆଖୁ ଚାଷ ୨୦୧୩ ମସିହାରୁ ହ୍ରାସ ପାଇଛି। ଅର୍ଥାତ ୨୦୧୩ ମସିହାରେ ୩୫୩୪ ହଜାର ହେକ୍ଟର ଚାଷ ହୋଇ ୨୫୪୩ ହଜାର ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୁଏ। ୨୦୧୪ ମସିହାରେ ୩୪୦୮ ହଜାର ହେକ୍ଟରରୁ ୨୪୬୯ ହଜାର ମେଟ୍ରିକ ଟନ୍, ୨୦୧୫ ମସିହାରେ ୨୮୯୮ ହଜାର ହେକ୍ଟରରୁ ୨୨୦୦ ହଜାର ମେଟ୍ରିକ ଟନ୍, ୨୦୧୬ ମସିହାରେ ୨୭୪୪ ହେକ୍ଟରରୁ ୨୦୧୩ ହଜାର ମେଟ୍ରିକ ଟନ୍, ୨୦୧୭ ମସିହାରେ ୨୭୦୦ ହେକ୍ଟରରୁ ୧୯୮୬ ହଜାର ମେଟ୍ରିକ ଟନ୍, ୨୦୧୯ ମସିହାରେ ୧୮୭୬ ହଜାର ହେକ୍ଟର ଚାଷରୁ ୧୩୬୫ ହଜାର ମେଟ୍ରିକ ଟନ୍, ୨୦୨୦ ମସିହାରେ ୨୧୦୦ ହଜାର ହେକ୍ଟରରୁ ୧୫୧୩.୬୩ ହଜାର ମେଟ୍ରିକ ଟନ୍ ଆଖୁ ଉତ୍ପାଦିତ ହୋଇଛି। ୨୦୨୧ ମସିହାରେ ୨୧୦୦ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଇଛି।

ମୁଖ୍ୟତଃ କଟକ, ଢେଙ୍କାନାଳ, ଜଗତସିଂହପୁର, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଧା, ନବରଙ୍ଗପୁର ଓ କୋରାପୁଟରେ ଆଖୁ ଚାଷ ହୁଏ। ଅଣ ଚିନି କଳ ଅଞ୍ଚଳ ନବରଙ୍ଗପୁର ଏବଂ କୋରାପୁଟରେ ଗୁଡ଼ ପ୍ରୋସେସିଂ ୟୁନିଟ୍‌କରାଯାଇଛି। କୋରାପୁଟରେ ଆଖୁ ଜୁସ୍ ପ୍ରୋସେସିଂ ୟୁନିଟ୍ କରାଯାଇଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଚିନି କଳ ପୁନଃ ଖୋଲିବା ନେଇ କୌଣସି ଆଗ୍ରହ ନାହିଁ। ଆଖୁ ଚାଷୀଙ୍କ ଲାଭ ପାଇଁ ଗୁଡ଼ ଏବଂ ଜୁସ୍ ପ୍ରୋସେସିଂ ୟୁନିଟ୍‌କୁ ଗୁରୁତ୍ୱ ଦିଆଯାଉଛି। ତେବେ ବାସ୍ତବରେ ଏହାର

ବିହାର ଭଳି ଓଡ଼ିଶାରେ ବୁଷ୍ଟର ଡୋଜ୍ ମାଗଣାରେ ଦିଆଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୦/୦୪ (ନି.ପ୍ର): ବିହାର ସରକାର ୧୮ ରୁ ୫୯ ବର୍ଷ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ କରୋନା ବୁଷ୍ଟର ଡୋଜ୍ ମାଗଣାରେ ଦେବାପାଇଁ ଗତକାଲି ନିଷ୍ପତି ନେଇଛନ୍ତି । ବିହାର ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ ଆମ ରାଜ୍ୟରେ ବୁଷ୍ଟର ଡୋଜ୍ ସବୁ ୧୮ ରୁ ୫୯ ବର୍ଷ ଯୋଗ୍ୟ ହିତାଧିକାରୀଙ୍କୁ ମାଗଣାରେ ଦେବାପାଇଁ ସମାଜବାଦୀ ପାର୍ଟି ରାଜ୍ୟସଭାପତି ରବି ବେହେରା ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀ ବେହେରା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ତୁରନ୍ତ ଏ ଦିଗରେ ନିଷ୍ପତି ନେଇ ସମସ୍ତଙ୍କୁ ମାଗଣା ବୁଷ୍ଟର ଡୋଜ୍ ଦେବାକୁ ଅନୁରୋଧ କରିଛନ୍ତି ।

ରାଜ୍ୟ ଯୁବମୋର୍ଚ୍ଚାର ନୂତନ ଦାୟିତ୍ୱ ଘୋଷଣା

ଭୁବନେଶ୍ୱର,୨୦/୦୪ (ନି.ପ୍ର): ବିଜେପି ଯୁବମୋର୍ଚ୍ଚାର ସାଂଗଠନିକ ଓ ରାଜନୈତିକ କାର୍ଯ୍ୟକଳାପକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏବଂ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ଓ ଯୁବମୋର୍ଚ୍ଚା ରାଜ୍ୟ ପ୍ରଭାରୀ ତଥା ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ରଙ୍କ ଅନୁମୋଦନକ୍ରମେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ରାଜ୍ୟ କମିଟିରେ ନୂତନ ଦାୟୀତ୍ୱ ପ୍ରଦାନ କରିଛନ୍ତି ।

ଯୁବମୋର୍ଚ୍ଚା ପରିବେଶ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଭାବେ କ୍ରିଷ୍ଣା ମୁରାରୀ ସିଂହ; ସାମାଜିକ ଗଣମାଧ୍ୟମ ରାଜ୍ୟ ସହ-ସଂଯୋଜକ ଭାବେ ଅଶ୍ୱିନୀ ସାହୁ, କୃଷ୍ଣଚନ୍ଦ୍ର ଓଝା, ରବିନ୍ଦ୍ର ପୁହାଣ ଓ ଶୋଭା ଶର୍ଣ୍ଣା; ରାଜ୍ୟ ଗଣମାଧ୍ୟମ ସହ-ସଂଯୋଜକ ଭାବେ ଅଭିଜିତ୍ ମିଶ୍ର, ପ୍ରିୟଦର୍ଶୀନି ଅର୍ଚ୍ଚନା ବାଗ୍ ଓ ବିକାଶ ପାଢ଼ୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ।

ସେହିପରି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଂଜନ ପାଣି, ମାନସ ରଂଜନ ଦାସ, ସୁଧୀର କୁମାର ମଲ୍ଲିକ, ଲଲିତ କୁମାର ବେହେରା; ସ୍ୱତନ୍ତ୍ର ମିନନ୍ତ୍ରିତ ସଦସ୍ୟ ଭାବେ ମିଲନ ମୁଖୀ, ଗୋକୁଳାନନ୍ଦ ବେହେରା, ଉତମ ବିଶ୍ୱାଳ, ମହେଶ ରାୟ, ଆଦର୍ଶ ଜେନା, ସ୍ୱାଧୀନ ମହାନ୍ତି, ହୃଷିକେଶ ଗୋହିର, ସୁଧୀର ଦ୍ୱିବେଦୀ ମନୋନୀତ ହୋଇଛନ୍ତି ।

ବଣାଇ ସାଂଗଠନିକ ଜିଲ୍ଲା ପ୍ରଭାରୀ ଭାବେ ଶିବାନୀ ମାଝୀ ଓ ସହ ପ୍ରଭାରୀ ଭାବେ ଅଂଶୁଲ ପଟେଲ; ନୁଆପଡା ସାଂଗଠନିକ ଜିଲ୍ଲା ପ୍ରଭାରୀ ଭାବେ ନରସିଂହ ସିଂହ; ବାରିପଦା ସାଂଗଠନିକ ଜିଲ୍ଲା ସହ-ପ୍ରଭାରୀ ବାବେ ପ୍ରଫୁଲ୍ଲ ସ୍ୱାଇଁ, କଟକ ସଦର ସହ-ପ୍ରଭାରୀ ଭାବେ ସୁଜିତ ସାହୁ; ଗଂଜାମ ଜିଲ୍ଲା ସହ-ପ୍ରଭାରୀ ପ୍ରତୀକ୍ଷା ଆଚାର୍ଯ୍ୟ ଏବଂ ଝୁମୁସୁର ସାଂଗଠନିକ ଜିଲ୍ଲା ସହ-ପ୍ରଭାରୀ ଭାବେ ସୁବ୍ରତ ବିଶ୍ୱାଳଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ବୋଲି ଶ୍ରୀ ଆଚାର୍ଯ୍ୟ ଜଣାଇଛନ୍ତି ।

ଶିଶୁମାନଙ୍କୁ ନିମ୍ନମାନର ଛତୁଆ, ରାଜ୍ୟବାସୀଙ୍କୁ ଅଖାଦ୍ୟ ଚାଉଳ ଦେଉଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୨୦/୦୪ (ନି.ପ୍ର): ଶିଶୁମାନଙ୍କୁ କିପରି କୁପୋଷଣରୁ ସୁପୋଷଣ ଆଡକୁ ନିଆଯିବ ଏବଂ ତାଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନ ଦେଇ ମୋଦି ସରକାର କେନ୍ଦ୍ରରେ ଅନେକ ଯୋଜନା ଆରମ୍ଭ କରିଛନ୍ତି । ୧୩ ଲକ୍ଷ ୨୦ ହଜାର ୨୨୮ ଜଣ ଆଙ୍ଗନବାଡୀ କର୍ମଚାରୀ ଏବଂ ୧୧ଲକ୍ଷ ୮୪ ହଜାର ୦୩୬ ଆଙ୍ଗନାବାଡୀ ସହାୟକଙ୍କ ଜରିଆରେ ଦେଶରେ ବର୍ତମାନ ୧୩ ଲକ୍ଷ ୯୯ ହଜାର ୬୯୭ଟି ଆଙ୍ଗନାବାଡୀ କେନ୍ଦ୍ର କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀ ମାତୃତ୍ୱ ଯୋଜନା ଅଧିନରେ ୨.୪ କୋଟିରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି । ଜନସଚେତନତା ସୃଷ୍ଟି କରିବା ପାଇଁ ସାରା ଦେଶରେ ୪୦ କୋଟିରୁ ଊର୍ଦ୍ଧ୍ୱ ପୋଷଣ କୈନ୍ଦ୍ରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କର୍ମଜୀବି ମହିଳାମାନଙ୍କ ମାତୃତ୍ୱ ଅବକାଶକୁ ୧୨ ସପ୍ତାହରୁ ୨୪ ସପ୍ତାହକୁ ବୃଦ୍ଧି କରାଯାଇଛି । ଗରୀବମାନଙ୍କୁ ଅପପୃଷ୍ଟିରୁ ମୁକ୍ତି ଏବଂ ମହିଳା, ଶିଶୁ ଓ ସ୍ତନ୍ୟପାନ କରାଉଥିବା ମା ମାନଙ୍କୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯୋଗାଇ ଦେବା ପାଇଁ ବର୍ତମାନ ସୁଦ୍ଧା ୭.୩୧ ଲକ୍ଷ ମେଟ୍ରିକ ଟନ ପୋଷକଯୁକ୍ତ ଚାଉଳ ଆବଂଟନ ହୋଇଛି । ପୋଷଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ପାଇଁ ରାଜ୍ୟମାନଙ୍କୁ ୧୧.୦୩ଲକ୍ଷ ସ୍ମାର୍ଟ ଫୋନ ଏବଂ ୧୧.୯୪ ଲକ୍ଷ ଗ୍ରୋଥ ମନିଟରିଂ ଯନ୍ତ୍ର ଓ ପୋଷଣ ଟ୍ରାକର ମାଧ୍ୟମରେ ହିତାଧିକାରୀମାନଙ୍କୁ ଯୋଡାଯାଇଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । ଅନ୍ୟପଟେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଓଲଟା। କୋମଳମତି ଶିଶୁମାନଙ୍କୁ ନିମ୍ନମାନର ଛତୁଆ ଦେଉଥିବା ରାଜ୍ୟ ସରକାର ବର୍ତମାନ ରାଜ୍ୟବାସୀଙ୍କୁ ଅଖାଦ୍ୟ ଚାଉଳ ଖାଇବାକୁ ଦେଉଛନ୍ତି । କେନ୍ଦ୍ର ସରକାରଙ୍କ "ଅପପୃଷ୍ଟି ମୁକ୍ତ ଭାରତ"କୁ ଚକ୍ରାନ୍ତ କରି ଅସଫଳ କରିବାରେ ରାଜ୍ୟ ସରକାର ଲାଗିପଡିଛନ୍ତି ବୋଲି ଡ. ବିଶ୍ୱାଳ କହିଛନ୍ତି। ଓଡିଶାକୁ ନିନ୍ଦିତ କରିଥିବା ବହୁଚର୍ଚ୍ଚିତ ନଗଡା ଅପପୃଷ୍ଟି ଘଟଣାରୁ ରାଜ୍ୟ ସରକାର କୌଣସି ଶିକ୍ଷା ପ୍ରାପ୍ତ କରିନାହାନ୍ତି। ଆଜି ମଧ୍ୟ ନଗଡା ଅଂଚଳ ବିକାଶର ବହୁ ଦୂରରେ ଅଛି । ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶ ପାଇଁ ଧାର୍ଯ୍ୟ ୫ଟି ବିନ୍ଦୁରେ ରାଜ୍ୟ ସରକାର ବିଫଳ । "ଲୋ ବର୍ଥ" ଶିଶୁ ଜନ୍ମ କ୍ଷେତ୍ରରେ ଓଡିଶା ରାଜ୍ୟର ସ୍ଥାନ ସର୍ବାଗ୍ରେ ଏବଂ ଏହି ପରିସଂଖ୍ୟାନ ୧୮.୨୫ ପ୍ରତିଶତ । ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ସବୁଠୁ ବଡ ସମସ୍ୟା ଏବଂ ରାଜ୍ୟରେ ରକ୍ତହୀନତା ମହିଳାଙ୍କ ସଂଖ୍ୟ ୫୦ ପ୍ରତିଶତରୁ ୬୪ ପ୍ରତିଶତକୁ ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ । ବୟସ ତୁଳନାରେ ୩୦ ପ୍ରତିଶତ ଶିଶୁଙ୍କ ଓଜନ କମ୍ ଅଛି । ୧୮ ପ୍ରତିଶତ ଶିଶୁମାନେ 'ଓ୍ୱେଷ୍ଟିଙ୍ଗ' ତଥା ମାଂସପେଶୀ ଅଭାବର ଶୀକାର ହେଉଛନ୍ତି । ଗର୍ଭବତୀ ମହିଳାମାନଙ୍କୁ ଉପଯୁକ୍ତ ପୃଷ୍ଟିକର ଖାଦ୍ୟ ଅଭାବ ଥିବା କାରଣରୁ ଓଡିଶାରେ ଶିଶୁ ମୃତ୍ୟୁ ହାର ପ୍ରତି ହଜାରରେ ୪୧ । ନିମ୍ନ ମାନର ଚାଉଳ, ଛତୁଆ ଓ ଅଣ୍ଡା ଖାଇ ଅପପୃଷ୍ଟିର ଶିକାର ହେଉଛନ୍ତି ରାଜ୍ୟର ଶିଶୁ ଓ ମହିଳା । ଶାସକ ବିଜେଡି ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ସତ୍ତ୍ୱେ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ ରାଜ୍ୟ ସରକାର କାହିଁକି ବିଫଳ ବୋଲି ପ୍ରଶ୍ନ କରିବା ସହିତ ରାଜ୍ୟ ସରକାରଙ୍କ ଶାସନ ଆଜି କୁପୋଷଣର ଶିକାର ହୋଇଯାଇଥିବା ଡ.ବିଶ୍ୱାଳ ତାତ୍ପର୍ଯ୍ୟ କରି କହିଛନ୍ତି । ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ବାସ୍ତବ କାର୍ଯ୍ୟକାରିତା ଏବଂ ସାଧାରଣ ଜନତାଙ୍କୁ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଗଗତ ୭ ତାରିଖରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ କାର୍ଯ୍ୟ କରୁଛନ୍ତି । ଆଜି ଏହି ଅବସରରେ ଓଡିଶାରେ ମଧ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟାନ୍ୟ ବିଜେପି କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଅଙ୍ଗନବାଡୀ କେନ୍ଦ୍ରକୁ ଯାଇ ଯୋଜନାର କାର୍ଯ୍ୟକାରିତାର ତଦାରଖ ଏବଂ ଜନସଚେତନ ସୃଷ୍ଟି କରୁଛନ୍ତି ବୋଲି ଡ.ବିଶ୍ୱାଳ ସୂଚନା ଦେଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ଏବଂ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମତୀ ରଶ୍ମିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ।

ପିଏମଇଜିପି : ରେକର୍ଡ ସୃଷ୍ଟିକଲା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ

ଭୁବନେଶ୍ୱର,୨୦/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମଇଜିପି)ରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ସଫଳତାର ବର୍ଷ ହୋଇଛି। ଉକ୍ତ ଆର୍ଥିକ ବର୍ଷରେ ଆୟୋଗ ୧.୦୩ ଲକ୍ଷ ନୂଆ ବିନିର୍ମାଣ ଓ ସେବା ୟୁନିଟ୍ ସ୍ଥାପନ କରିଛି। ଏହା ସହ ୮.୨୫ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିକରିଛି। ଉଦ୍ୟୋଗ ପିଏମ୍‌ଇଜିପିରେ ସରକାରଙ୍କ ଆତ୍ମନିର୍ଭରଶୀଳତାର ସବୁଠାରୁ ଶକ୍ତିଶାଳୀ ଉପାୟ ଭାବେ ଉଭାହୋଇଛି। ୨୦୦୮ରେ ପିଏମଇଜିପି ଯୋଜନାର ଆରମ୍ଭ ହୋଇଥିଲା। ଏହା ପରେ ପ୍ରଥମ ଥର ପାଇଁ କେଭିଆଇସି ଗୋଟିଏ ଆର୍ଥିକ ବର୍ଷରେ ଏକ ଲକ୍ଷରୁ ଅଧିକ ନୂତନ ୟୁନିଟ୍ ସ୍ଥାପନ କରିବାରେ ସଫଳ ହୋଇଛି। ଆୟୋଗ ଏକ ଲକ୍ଷ ୩ ହଜା

ମଣିଷ ଘରରୁ ପଶୁର ବଣ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ରୁଷ ବିରୁଦ୍ଧରେ ଯେତେବେଳେ ବିଶ୍ୱର ଅଧିକାଂଶ ଦେଶ ଏକ ହୋଇ ନିନ୍ଦା କରୁଛନ୍ତି ସେତେବେଳେ ଏ ଦେଶ ଭାରତର ସରକାରକୁ ବନ୍ଧୁତ୍ୱ ମନେ ପଡିଯାଇଛି । ସେ ତାର ପୁରୁଣା ବନ୍ଧୁତ୍ୱକୁ ସମ୍ବଳ କରି ମୁହଁରେ ତାଲା ଲଗାଇ ଦେଇଛି । ଭାରତର ଏହି ଆଭିମୁଖ୍ୟକୁ ବିଶ୍ୱ ନିନ୍ଦା କରୁଛି । ଠିକ୍ ଅଛି ଯେ ଭାରତ ନିରପେକ୍ଷ ନୀତି ଅବଲମ୍ବନ କରି ନୀରବ ରହିବାକୁ ଠିକ୍ ଭାବୁଛି କିନ୍ତୁ ସତରେ ଆଜିର ପୃଥିବୀରେ କେହି ନିରପେକ୍ଷ କି ? ଆଉ ଯଦି ନୀରପେକ୍ଷ ତେବେ ଭାରତ ଭଳି ଦେଶ ହୁଏତ ଆପଣାର ବନ୍ଧୁ ଦେଶ ବିରୁଦ୍ଧରେ ଅସ୍ତ୍ର ଧାରଣ କରି ନ ପାରେ ତେବେ ବନ୍ଧୁକୁ ଭୁଲ ପଥରୁ ନିବୃତ କରିବାର ଭୂମିକା ନିଭାଇବାରେ କୁଣ୍ଠା କାହିଁକି ? ଗାନ୍ଧିର ଦେଶର ସରକାର ଏମିତି ନର ସଂହାର ଓ ଅତ୍ୟାଚାରରେ ଶାନ୍ତ କେମିତି ଓ କାହିଁକି ? କଥା ହେଉଛି, ଏହାର କୁପରିଣାମ ଦିନେ ଆମର ଏ ଦେଶକୁ ଭୋଗିବାକୁ ପଡିବ ନାହିଁ ତ ? ରୁଷିଆ ସହ ଛିଡା ହୋଇଛି ଭାରତର ପରମ ଶତ୍ରୁ ଚୀନ, ପାକିସ୍ତାନ, ଉତର କୋରିଆ ଭଳି ଦେଶ । ଆମେରିକା, ଜାପାନ, ବ୍ରିଟେନ ଆଦି ଦେଶ ଭାରତଠାରୁ ଦୂରେଇ ଯିବେ ନାହିଁ ତ ? ଏମିତି କିଛି ପ୍ରଶ୍ନ ଉପରେ ଭାରତ ସରକାର ବିଚାର କରୁଥିବେ ନିଶ୍ଚୟ ତେବେ ଏହି ବିଚାରର ସୁପରିଣାମ ମଧ୍ୟ ଦୃଷ୍ଟିଗୋଚର ହେବା ଦରକାର ।

ଅଧ୍ୟକ୍ଷ, ଝାଡେଶ୍ୱର ଇଂଟରନେସନାଲ ସ୍କୁଲ, ସିଟି କ୍ୟାମ୍ପସ୍, ଷ୍ଟେସନ ରୋଡ,
ବାଲେଶ୍ୱର-୭୫୬୦୦୧,
ମୋ-୮୨୪୯୨୧୬୦୬୭ ।

ଶ୍ରବଣ ପରୀକ୍ଷା ଶିବିର

ବାଲିଆପା, ୨୦/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଡଗରାଠାରେ ଥିବା ମଦରଟେରସା ସେବା ସଂଘ ଠାରେ ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ଜବର ଜଙ୍କ ଜାତୀୟ ଶ୍ରବଣ କେନ୍ଦ୍ର ଜନଲା ଭବନେଶ୍ୱର ତରଫରୁ ଶ୍ରବଣ ପରୀକ୍ଷା ଏବଂ ଇଅର ମୋଲ୍ଡ ତିଆରି ଶିବିର ଆୟୋଜିତ ହୋଇଯାଇଛି । ଉକ୍ତ ଶିବିରରେ ଶ୍ରବଣ ବିଶେଷ ଜ୍ଞ ଚନ୍ଦ୍ର ଚୁଡ ପାଣିଗ୍ରାହୀ ଏବଂ ଇଅର ମୋଲ୍ଡ ଟେକନିସିଆନ ବିଶ୍ୱମିତ୍ରା ମିଶ୍ରଙ୍କ ସହିତ ତାଙ୍କର ଅନ୍ୟ ସହ ଯୋଗୀମାନେ ଉପସ୍ଥିତ ହୋଇ ୧୪୨ ଜଣ ହିତାଧିକାରୀଙ୍କ ଶ୍ରବଣ ପରୀକ୍ଷା କରାଇଥିଲେ । ମଦରଟେରସା ସେବା ସଂଘର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟ କର୍ମଚାରୀ ସୁଦୁର ପରିଚାଳନାରେ ସହଯୋଗ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଦିଲ୍ଲୀ ଜାହାଙ୍ଗୀରପୁରୀରେ....

ଘରକୁ ଉଚ୍ଛେଦ କରିବା ଏକ ନିୟମିତ ପ୍ରକ୍ରିୟା । ଶନିବାର ଏହି ସ୍ଥାନରେ ହନୁମାନ ଜୟନ୍ତୀ ଅବସରରେ ଧାର୍ମିକ ଶୋଭାଯାତ୍ରା ହୋଇଥିଲା । ଏହି ସମୟରେ ଢେଲା ପଥର ମାଡ ହୋଇଥିଲା । ଏଥିରେ ଅନେକ ପୁଲିସ କର୍ମୀ ଏବଂ ସାଧାରଣ ଲୋକେ ଆହତ ହୋଇଥିଲେ । ଏହାକୁ ନେଇ ରାଜନୀତି ସରଗରମ ରହିଛି । ଏହାରି ଭିତରେ ଜବରଦଖଲ ନିର୍ମାଣକୁ ଦିଲ୍ଲୀ ମହାନଗର ନିଗମର ମେୟର ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ । ସକାଳୁ ସକାଳୁ ୯ଟି ବୁଲଡୋଜର ଆସି ସମସ୍ତ ବେଆଇନ ଘରକୁ ଭାଙ୍ଗୁଥିଲା । ମାମଲା କୋର୍ଟରେ ପହଂଚିବା ପରେ ଶୁଣାଣି କରି ସୁପ୍ରିମକୋର୍ଟ ଉଚ୍ଛେଦ ଉପରେ ରୋକ୍ ଲଗାଇଛନ୍ତି । ଜବରଦଖଲ ଉଚ୍ଛେଦ ହେଉଥିବା ବେଳେ ସ୍ଥାନରେ ପହଂଚି ଏହାର ବିରୋଧ କରିଥିଲେ ସିପିଆଇଏମ ନେତା । ସେପଟେ ଏହି ଘଟଣାକୁ ନେଇ ଟ୍ୱିଟ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଏହା ଭାରତର ଗଣତାନ୍ତ୍ରିକ ମୂଲ୍ୟକୁ ଧ୍ୱସଂ କରାଯାଉଛି ବୋଲି ଲେଖିଛନ୍ତି ରାହୁଲ । ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୀତି ବଢିବାରେ ଲାଗିଛି । ଗତ ଶନିବାର ଏହି ସ୍ଥାନରେ ହନୁମାନ ଜୟନ୍ତୀ ଅବସରରେ ଧାର୍ମିକ ଶୋଭାଯାତ୍ରା ହୋଇଥିଲା । ଏହି ସମୟରେ ଢେଲା ପଥର ମାଡ ମଧ୍ୟ ହୋଇଥିଲା । ଏହା ପରେ ପରେ ଏହି ଜବରଦଖଲ ଉଚ୍ଛେଦ ହୋଇଥିବାରୁ ଏହାକୁ ନେଇ ରାଜନୀତି ବଢିବାରେ ଲାଗିଛି ।

ଦିନକରେ ୬୦% ବଢ଼ିଲା....

ସଂଖ୍ୟା ଆଜି ୨୬୪୧ ରହିଛି। ଏହା ଫେବୃଆରୀ ୧୮ ପରେ ସର୍ବାଧିକ। ଫେବୃଆରୀ ୧୮ରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୭୭୫ ଥିଲା। ସେହିପରି ୨୪ ଘଣ୍ଟାରେ ୩୧୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସଂକ୍ରମଣ ସ୍ଥିତିକୁ ଦେଖି ଦିଲ୍ଲୀ ସରକାର ପୁଣିଥରେ ସର୍ବସାଧାରଣ ସ୍ଥାନରେ ମାସ୍କକୁ ବାଧ୍ୟତାମୂଳକ କରିଛନ୍ତି। ମାସ୍କ ପନ୍ଧିଲେ ୫୦୦ ଟଙ୍କା ଲେଖାଏ ଜୋରିମାନା ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଦେଶରୁ ୨,୦୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୩୦,୪୭,୫୯୪କୁ ବୃଦ୍ଧି ପାଇଛି। ମୋଟ ସଂକ୍ରମଣରୁ ଦିଲ୍ଲୀର ଭାଗ ୩୦%ରୁ ଅଧିକ।

ଲୋକସେବା ଭବନରେ....

ସାମ୍ବାଦିକଙ୍କୁ ପାସ୍ ଦିଆଯାଉଥିଲା । କିନ୍ତୁ ୨୦୨୦ ପରଠୁ ଏହି ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି । ଯାହାକୁ ନେଇ ସାମ୍ବାଦିକ ସଂଘ, କାର୍ଯ୍ୟରତ ସାମ୍ବାଦିକ ବିରୋଧ କରିଛନ୍ତି । ଗଣମାଧ୍ୟମ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ । ସରକାରଙ୍କ ଯୋଜନା, ନୀତି. ନିଷ୍ପତି, ଲୋକଙ୍କ ପାଖରେ ପହଂଚାଇବା ହେଉଛି ଗଣମାଧ୍ୟମର କାମ । ତେଣୁ କାର୍ଯ୍ୟରତ ସାମ୍ବାଦିକଙ୍କୁ ଲୋକସେବା ଭବନ ନଛାଡି କେଉଁ ବାର୍ତା ଦେବାକୁ ଚାହୁଁଛନ୍ତି ସରକାର ।

'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନରେ ପତ୍ରିକାର ସମ୍ପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି । ସଭା ଆରମ୍ଭରେ ଦିବଂଗତ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । 'ଯୁଗଶ୍ରୀ ଯୁଗନାରୀ' ସହ-ସମ୍ପାଦିକା ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଡ. ଦେବୀପ୍ରସନ୍ନ ପଟ୍ଟନାୟକ (ପଦ୍ମଶ୍ରୀ) ଯୋଗଦେଇ ନାରୀ ସଶକ୍ତିକରଣରେ ଯୁଗଶ୍ରୀ ଯୁଗନାରୀ ପତ୍ରିକା ଗୁରୁତ୍ୱ ଦେଉଥିବାରୁ ଏହାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ସାବରମତୀ (ପଦ୍ମଶ୍ରୀ), ବିଶିଷ୍ଟ ପରିବେଶବିତ୍, 'ମୁଁ ଯେପରି କୃଷି କରି ଭଲ ଖାଇବା ଓ ଭଲ ଖୁଆଇବା, ବିଷ ଖାଦ୍ୟ ଖାଇବା ନାହିଁ, ଶବଦାହ ପାଇଁ ଗଛଟେ ଲଗାଇବା କର୍ମକୁ ଆଦରି ନେଇଛି, ଆପଣମାନେ ସେହିଭଳି ଜୀଇଁବା ପାଇଁ ଏହି ସୁକର୍ମକୁ ଆଦରି ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଶ୍ରୀଯୁକ୍ତ ବିଜୟ ନାୟକ, ବିଶିଷ୍ଟ ସାହିତ୍ୟିକ, ସ୍ୱତନ୍ତ୍ର ଅଧିକାରୀ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ ମହାମାରୀ, ମହାଯୁଦ୍ଧ ଓ ଅନାହାରରୁ ମୁକ୍ତିଲାଭ କରି ବିଶ୍ୱ ଆଗକୁ ବଢୁଥିବା ବେଳେ ପୁନଶ୍ଚ ଯୁଦ୍ଧର ସଙ୍କଟ ଦେଖା ଦେଇଥିବାରୁ ଉଦ୍‌ବେଗ ପ୍ରକାଶ କରି ସାହିତ୍ୟିକମାନେ କଲମ ମୁନକୁ ଶକ୍ତିଶାଳୀ କରି ଶାନ୍ତିର ବାର୍ତ୍ତା ପ୍ରଚାର କରିବାକୁ ଆହ୍ୱାନ ଦେଇଥିଲେ। ଡ. ଶକୁନ୍ତଳା ବଳିଆରସିଂହ, ସାଧାରଣ ସଂପାଦିକା, 'ଓଡ଼ିଶା ଲେଖିକା ସଂସଦ', 'ସାହିତ୍ୟ ଶାନ୍ତିର ବାର୍ତ୍ତା ପ୍ରଚାର ସହ ପୃଥିବୀରୁ କଳଙ୍କ କାଳିମା ପୋଛିଦିଏ, ଦିଗ୍‌ଦର୍ଶନ ଦିଏ, ସାହିତ୍ୟ ବିନା ଜୀବନ ପଶୁତୁଲ୍ୟ। ତେଣୁ ସାହିତ୍ୟିକମାନେ ଜୀବନ ପାଇଁ ସାହିତ୍ୟ ରଚନା କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ପତ୍ରିକାର ବହୁମୁଖୀ ଗୁଣବତ୍ତା ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ: ସାବରମତୀ (ପଦ୍ମଶ୍ରୀ), ବିଶିଷ୍ଟ ପରିବେଶବିତ୍, ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ: ଡ. ପ୍ରଭାତୀ ମିଶ୍ର, ବିଶିଷ୍ଟ ସାହିତ୍ୟିକା, ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ସଂପାଦିକା ସମ୍ମାନ : ଶ୍ରୀମତୀ ସବିତାରାଣୀ ବେହେରା, ସଂପାଦିକା (ସ୍ମୃତି ସାନ୍ତ୍ୱନା), ଯୁଗଶ୍ରୀ ଯୁଗନାରୀ ଚିତ୍ରଶିଳ୍ପୀ ସମ୍ମାନ : ଶିଳ୍ପୀ କେଶୁ ଦାସ ଓ ଯୁଗଶ୍ରୀ ଯୁଗନାରୀ ପରିବେଶ ସୁରକ୍ଷା ସମ୍ମାନ : ପାରାଦ୍ୱୀପ ଫସ୍‌ଫେଟ୍‌ସ ଲିମିଟେଡ୍‌ଙ୍କୁ ପ୍ରଦାନ କରାଯାଇଥିଲା । ଅଧ୍ୟାପକ କମଳାକାନ୍ତ ଦାଶଙ୍କ ବ୍ୟଙ୍ଗ କବିତା ପୁସ୍ତକ 'କରନ୍ତି ଅଙ୍ଗେ ଅନେକ ଛାପ', ଶ୍ରୀମତୀ ଗୀତାଞ୍ଜଳି ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ନୂଆ ସକାଳ', ଡାକ୍ତର ଅନୀତା ପଣ୍ଡାଙ୍କର ଉପନ୍ୟାସ 'କୈଶୋର୍ଯ୍ୟ କସ୍ତୁରୀ'ଉନ୍ମୋଚିତ ହୋଇଥିଲା । ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ' ଏପ୍ରିଲ-୨୦୨୨ ସଂଖ୍ୟାର ଶୁଭ ଉନ୍ମୋଚନ ହୋଇଥିଲା । ସୁଶ୍ରୀ ଗୀତାଞ୍ଜଳି ସିଂହ ମଞ୍ଚ ଆହ୍ୱାନ କରିଥିବା ବେଳେ ସହିଦନଗର ଆର୍ଯ୍ୟ ମହିଳା ସମତି ବେଦପାଠ କରିଥିଲେ। ସୁଶ୍ରୀ ଦୀପ୍ତି ଦାସ ସଂଯୋଜନା କରିଥିଲା ବେଳେ ଡକ୍ଟର ମିନାକ୍ଷୀ ପଣ୍ଡା, ଡ. ସୁଷମା ମିଶ୍ର, ଡ. ଗାୟତ୍ରୀ କର, ଡ. ରିଚା ମହାପାତ୍ର, ଶ୍ରୀମତୀ ମାନି ଦାଶ, ବସନ୍ତ ପ୍ରଧାନ ସଭା ପରିଚାଳନାରେ ସହାୟତା କରିଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ସାରସ୍ୱତ ସାଧକ ସର୍ବଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ଅଧ୍ୟାପକ ବିଶ୍ୱରଞ୍ଜନ, ବସନ୍ତ ପଣ୍ଡା, ବନଜା ଦେବୀ, ଗୌରହରି ଦାସ, କର୍ଣ୍ଣେଲ ଶରତ ମହାପାତ୍ର, ଉପେନ୍ଦ୍ର ପ୍ରସାଦ ନାୟନ, ଡଃ ପ୍ରଭାସ ଆଚାର୍ଯ୍ୟ, ପୀତବାସ ରାଉତରାୟ, ଇନ୍ଦିରା ଦାଶ, ବ୍ରତତୀ ଦାସ, ମୀନାକ୍ଷୀ ରାଉତରାୟ, କନକ ମଞ୍ଜରୀ ସାହୁ, କୁସୁମ ପଟେଲ। ଅଧ୍ୟାପକ କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଗୋଟିଏ ଦିନରେ ୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୫୯କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୬୭୭ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୦ରହିଛି । ଆଜି ଚିହ୍ନଟ ହୋଇଥିବା ୮ ଜଣଙ୍କ ମଧ୍ୟରୁ ୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲାରେ ୧ ଜଣ ତଥା କଟକ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବେଳେ ସମ୍ବଲପୁର ଜିଲ୍ଲାରୁ ୨ ଜଣ ଓ ସୁନ୍ଦରଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି। ଅବଶିଷ୍ଟ ୨୩ଟି ଜିଲ୍ଲାରୁ ଓ ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନିୟର୍ସ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନିୟର୍ସ ସଂଘର ୨୦୨୨-୨୩ ବର୍ଷ ନିମନ୍ତେ ନବନିର୍ବାଚିତ କର୍ମକର୍ତାମାନେ ଶପଥ ଗ୍ରହଣ କରିଛନ୍ତି। ବିଜେବି ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସାଧାରଣ ସମ୍ପାଦକ ତଥା ସଂଘର ବୟୋଜ୍ୟେଷ୍ଠ ସଦସ୍ୟ ଇଂ ବାମଦେବ ତ୍ରିପାଠୀ, ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଚଳିତ ୨୦୨୨-୨୩ ବର୍ଷ ପାଇଁ ଉପଦେଷ୍ଟା ଇଂ ଦର୍ପନାରାୟଣ ଦାସ, ସଭାପତି ଇଂ ବିପିନ ବିହାରୀ ନାୟକ, ଉପସଭାପତି ଇଂ ଶିବପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଇଂ ଡ଼ମ୍ବରୁଧର କବି, ଅର୍ଥ ସମ୍ପାଦକ ଇଂ ଶ୍ରୀକାନ୍ତ ମହାନ୍ତି, ସଂଗଠନ ସମ୍ପାଦକ ଇଂ ପ୍ରମୋଦ କୁମାର ମହାପାତ୍ର, କୋଷାଧକ୍ଷ ଇଂ ଗାନ୍ଧି ଗଉଡ଼, ସମୀକ୍ଷକ ଇଂ ବ୍ରହ୍ମାନନ୍ଦ ବସ୍ତିଆ ଏବଂ କାର୍ଯ୍ୟକାରୀ ସଦସ୍ୟ ଇଂ ବୈକୁଣ୍ଠ ନାଥ ଜେନା, ସୁରେଶ ଚନ୍ଦ୍ର ମହାପାତ୍ର, ସୂର୍ଯ୍ୟମଣି ମାହାନା, ଇଂ ସୁଶାନ୍ତ ପୃଷ୍ଟି, ଇଂ ଦେବରାଜ ବିଶ୍ୱାଳ, ଇଂ ମଳୟରାଜ ବିଶ୍ୱାଳ, ଇଂ ପ୍ରଭାକର ନାୟକ ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଥିଲେ। ନବ ନିର୍ବାଚିତ ସାଧାରଣ ସମ୍ପାଦକ ଇଂ ଡ଼ମ୍ବରୁଧର କବି ସଂଗଠନରେ ସଭ୍ୟଙ୍କର ବହୁଳ ସମ୍ପୃକ୍ତି ଓ ସାଂଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆହ୍ୱାନ ଦେବା ସହ ଅବସରପ୍ରାପ୍ତ ଡ଼ିପ୍ଲୋମା ଇଞ୍ଜିନିୟର ମାନଙ୍କର ଅବହେଳିତ ଦାବୀ ପୂରଣ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ଧାନ ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବସ୍ତା,୨୦/୦୪ (ନି.ପ୍ର): ବସ୍ତା ଥାନା କୁଡିଆ ପଞ୍ଚାୟତ କଦଳିହଣ୍ଡା ଗ୍ରାମରେ ଜୌନିକ ଯୁବକ ର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ରମାକାନ୍ତ ବେହେରା ପୁଅ ନିରଞ୍ଜନ ବେହେରା (୪୫) । ପ୍ରତିଦିନ ଭଳି ଆଜି ମଧ୍ୟ ରମାକାନ୍ତ ଆଜି ସକାଳୁ ବିଲ୍ କାମ କରିବାକୁ ଯାଇଥିଲେ । ଦିର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ ହେଲେ ବିଲ ମଝିରେ ଅଚେତ୍ ଅବସ୍ଥାରେ ଦେଖିବାକୁ ପାଇ ସଙ୍ଗେ ସଙ୍ଗେ ପରିବାର ଲୋକେ ଚିକିତ୍ସା ପାଇଁ ବସ୍ତା ହସ୍ପିଟାଲ ନେଇଥିଲା ବେଳେ ଡ଼ାକ୍ତର ତାଙ୍କୁମୃତ ଘୋଷଣା କରିଥିଲେ । ତେବେ ପ୍ରଚଣ୍ଡ ଗରମ ହୋଇଥିବାରୁ ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ପରିବାର ଲୋକେ ଅନୁମାନ କରିଛନ୍ତି । ଖବର ପାଇ ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକେ ଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରୁ ନିର୍ଦ୍ଦିଷ୍ଟ ଧାର୍ମିକ ପତାକା ହଟାଇବା ପାଇଁ ଦାବି

ବାରିପଦା, ୨୦/୦୪ (ନି.ପ୍ର): ମୁଣ୍ଡା ଆଦିବାସୀ ସମାଜ ତରଫ ରୁ ପୋଡ଼ାଅସ୍ତିଆ ବିର୍ସା ମୁଣ୍ଡା ଛକ ନିକଟରେ ଥିବା ସହିଦ୍ ବିର୍ସା ମୁଣ୍ଡାଙ୍କ ପ୍ରୋତିମୂର୍ତି ଠାରେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ପତାକା ସ୍ଥାୟୀ ଭାବରେ ଲଗାଇଥିବା ବିରୋଧରେ ମୟୂରଞ୍ଜ ଜିଲ୍ଲାପାଳ ଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ପୋଡାସ୍ତିଆ ଛକ ଠାରେ ସ୍ଥାପିତ ହୋଇଥିବା କ୍ରାନ୍ତି କାରୀ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ପତକା କୌଣସି ଏକ ଧାର୍ମିକ ସଂଗଠନର କର୍ମକର୍ତା ମାନେ ଦୀର୍ଘଦିନ ଧରି ଲଗାଇଛନ୍ତି । ବାରମ୍ବାର ମୁଣ୍ଡା ଆଦିବାସୀ ସମାଜ ତରଫରୁ ଏହାକୁ ହଟେଇ ଥିଲେ ମଧ୍ୟ ଲୁହା ପାଇପରେ ପୁଣି ପତକାକୁ ସ୍ଥାୟୀ ଭାବରେ ଲଗେଇଛନ୍ତି । ଏଣୁ ମୁଣ୍ଡା ଆଦିବାସୀ ସମାଜ ପକ୍ଷରୁ ପତକା କୁ ହଟାଇବାକୁ ଦାବୀ କରି ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି । ଦାବୀପତ୍ର ପ୍ରଦାନ ସମୟରେ ଝଡ଼େଶ୍ୱର ସିଂ ସାଣ୍ଡିଲ , ଚନ୍ଦନ ସିଂ, ରାମଚନ୍ଦ୍ର ସିଂ, କରମଜୀତ ସିଂ, ରବୀନ୍ଦ୍ର ସିଂ, ଫକୀର ମୋହନ ସିଂ, ବୈଦନାଥ ସିଂ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ଉତ୍କଳ ଜନନୀ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର : ୬୬ ୟୁନିଟ୍ ସଂଗୃହିତ

ଜଳେଶ୍ୱର, ୨୦/୪ (ନିପ୍ର): ବାଲେଶ୍ୱର ଜିଲାର ରକ୍ତ ଅଭାବକୁ ପରିଲକ୍ଷିତ କରି ରକ୍ତାଦାନ ଶିବିର ଆୟୋଜନ କରାଯାଉଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟ ସାହି

ବାଲେଶ୍ୱର, ଗୁରୁବାର, ୨୧ ଅପ୍ରେଲ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଡ୍ରାଇଭରମାନଙ୍କ ଦାବି ପୂରଣ କରନ୍ତୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଗତ ୧୮ ତାରିଖ ଦିନ ଡ୍ରାଇଭର ମହାସଂଘର ହଜାର ହଜାର ସଦସ୍ୟ ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ଉଭୟ ଗୋଇନ୍ଦା ଓ ପୋଲିସ ପାଖରେ ସ୍ପଷ୍ଟ ଖବର ଥିଲା ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଅବଗତ ଥିଲେ । ଏପରିକି ଆନ୍ଦୋଳନକାରୀ ଡ୍ରାଇଭରମାନେ ବେଆଇନ କାର୍ଯ୍ୟ କରିବାର ସୂଚନା ମଧ୍ୟ ଥିଲା । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ । ଏହି ଘଟଣାରେ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ପଦାକୁ ଆସିବା ପରେ ଆଜି ଘଟଣା ଘଟିବାର ୩ଦିନ ପରେ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଘୋଷଣା କରି ରାଜ୍ୟ ସରକାର କଣ ବାର୍ତା ଦେବାକୁ ଚାହୁଁଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ. ଲେଖାଶ୍ରୀ ସାମନ୍ତସିହାର ପ୍ରଶ୍ନ କରିଛନ୍ତି । ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ପୋଲିସ ପ୍ରଶାସନ। କେତେବେଳେ ଗୋଇନ୍ଦା ବିଭାଗ ପୋଲିସକୁ ଦୋଷ ଦେଉଛି ତ ଆଉ କେତେବେଳେ ପୋଲିସ ବିଭାଗ ଗୋଇନ୍ଦା ବିଭାଗ ଉପରେ ଦୋଷ ଲଦୁଛି । ଉଭୟ ବିଭାଗ ଗୃହ ବିଭାଗ ଅଧିନରେ ଏବଂ ଏହାର ମୁଖ୍ୟ ହେଉଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ। ୨ ବର୍ଷ ପୂର୍ବରୁ ସେମାନଙ୍କୁ ଏକାଠି କରି ଆନ୍ଦୋଳନ କରିବାର ଯୋଜନା କରାଯାଇଥିଲା । ତାଙ୍କ ଡ୍ରେସ କୋଡ୍ ଓ ଲୋଗୋ କିଏ ଦେଲା ? ଆନ୍ଦୋଳନ ପାଇଁ ଡ୍ରାଇଭରଙ୍କୁ ପ୍ରୋତ୍ସାହନ କିଏ ଦେଇଥିଲା, ଲକ୍ଷ ଲକ୍ଷ ସଂଖ୍ୟାରେ ଆନ୍ଦୋଳନକାରୀଙ୍କୁ ରାଜଧାନୀକୁ ଆଣି ରାଜରାସ୍ତାରେ ଅଖଚଖ କିଏ ବନ୍ଦ କରିଥିଲା, ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ବାହାରକୁ ନେଇ ଯାଇ ନୀରବଦ୍ରଷ୍ଟା ସାଜିବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ? ଡ୍ରାଇଭରଙ୍କ ଆନ୍ଦୋଳନ ଓ ଆତଙ୍କରାଜ ସରକାର ପ୍ରାୟୋଜିତ ବୋଲି ଡ. ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ଗତ ୧୮ତାରିଖ ଦିନ ଡ୍ରାଇଭରମାନେ ରାଜଧାନୀର ରାଜରାସ୍ତାକୁ ଅବରୋଧ କରି ତାଙ୍କୁ ବୀମା ସୁବିଧା, ପ୍ରଧାନମନ୍ତ୍ରୀ ଆବାସ ଘର ପ୍ରଦାନ, ଆର୍ଥିକ ସହାୟତା, ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ, ଇନସୁରାନ୍ସ ଓ ପେନସନ ଇତ୍ୟାଦି ସାମାଜିକ ସୁରକ୍ଷା ଦାବିରେ ଆନ୍ଦୋଳନ କରୁଥିବାବେଳେ ଏଥିରେ ମୁଖ୍ୟ ବାଧକ ସାଜିଛନ୍ତି ରାଜ୍ୟ ସରକାର ।

ନିସ୍ ଶିକ୍ଷାନୁଷ୍ଠାନରେ ଜାତୀୟ ସେମିନାର

୨୦/୦୪ (ନି.ପ୍ର): ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ ପରିସରରେଇଣ୍ଟରନେଟ୍ ଅନ୍ ଥିଙ୍କ୍ ଶିର୍ଷକ ଏକ ଜାତୀୟ ସେମିନାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼କ୍ଟର ଚିତ୍ତରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଆଇଆଇଆଇଟି ଭୁବନେଶ୍ୱରର ପ୍ରଫେସର ଡ଼କ୍ଟର ସୁରଜ ଶର୍ମା ମୂଖ୍ୟବକ୍ତା ଓ ନାକ୍ ବେଙ୍ଗାଲୁରୁର ପରାମର୍ଶଦାତା ପ୍ରଫେସର୍ ଡ଼କ୍ଟର ଅମିୟ କୁମାର ରଥ ସମ୍ମାନୀତ ଅତିଥୀ ଭାବେ ଯୋଗ ଦେଇ ସାଂପ୍ରତିକ ପରିସ୍ଥିତିରେ ଇଣ୍ଟରନେଟ୍ ଭାବନା, ଉପଯୋଗିତା ଓ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ନିସ୍ ପ୍ରତିଷ୍ଠାତା ସମ୍ପାଦକ ଡ଼କ୍ଟର ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବା ସହ ପ୍ରତିଟି ମୂହୂର୍ତ୍ତ ଇଣ୍ଟରନେଟ୍‌ର ଆବଶ୍ୟକତା ସମ୍ପର୍କରେ ସାରଗର୍ଭକ ମତବ୍ୟକ୍ତ କରିଥିଲେ । ଏଥିରେ ଅନୁଷ୍ଠାନର ଡ଼ିନ୍ ପ୍ରଫେସର ବିଷ୍ଣୁ ପାଲ୍, ଉପନିର୍ଦ୍ଦେଶକ ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧୁକାରୀ ପିତାମ୍ବର ଚୟନୀ, ଏମସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ନିମନ୍ତ୍ରୀତ ଅତିଥି ମାନଙ୍କୁ ସହ ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ କମ୍ପୁଟର ସାଇନସ୍ ବିଭାଗର ଡ଼ିନ୍ ପ୍ରଫେସର ସୂର୍ଯ୍ୟକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କମ୍ପୁଟର ସାଇନସ୍ ଓ ଆଇଟି ବିଭାଗର ଛାତ୍ରଛାତ୍ରୀମାନେ ଯୋଗଦେଇ ପରିବେଶକୁ ଉତ୍ସବ ମୁଖରିତ କରି ଥିଲେ ।

ସଂସ୍କୃତି-ପରମ୍ପରା ସହ ଉତ୍ତର ପିଢ଼ିଙ୍କୁ ସଂଯୋଗ କରିବା ଉଚିତ

ବାଲେଶ୍ୱର,୨୦/୦୪ (ନି.ପ୍ର): ବାଲେଶ୍ୱର ସହରର ଦେଓ୍ୱାନପାଟଣାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ୧୨୭ତମ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ ସହ ସଂସ୍କୃତି ଓ ପରମ୍ପରା ଜୀବିତ ରଖିବାରେ ମନ୍ଦିର କମିଟିର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ସଂସ୍କୃତି ଓ ପରମ୍ପରା ଆମ ପରିଚୟ ହୋଇଥିବା ବେଳେ ଏହା ସହ ଉତ୍ତର ପିଢ଼ିଙ୍କୁ ସଂଯୋଗ କରିବା ଉଚିତ ବୋଲି ଶ୍ରୀ ଜେନା ମତପ୍ରକାଶ କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ନରାୟଣ ଚନ୍ଦ୍ର ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ୱାର୍ଡ କାଉନସିଲର ମୀତା ପଟ୍ଟନାୟକ, ଛାତ୍ରନେତା ସିମନ ଦାସମହାପାତ୍ର, ଦେଓ୍ୱାନପାଟଣା ଲକ୍ଷ୍ମୀନାରାୟଣ ପୂଜା କମିଟିର ପୂର୍ବତନ ସଭାପତି ଶ୍ରୀପତି ମାଝୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବ ଓ ଭାଇଚାରା ସୃଷ୍ଟିରେ ଆୟୋଜିତ ଏହି ଉତ୍ସବ ଦୀର୍ଘ କାଳ ପର୍ଯ୍ୟନ୍ତ ଜାରି ରହୁ ବୋଲି କାମନା କରିଥିଲେ । କମିଟିର ସଭାପତି କୈଳାଶ ମାଝୀ ଏଥିରେ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର ମାଝୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଏଥିରେ ପୁରସ୍କୃତ କରିଥିଲେ । ସଭାପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଦୁଇ ବର୍ଷର କୋଭିଡ କଟକଣା ପରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକେ ଉପଭୋଗ କରିଥିଲେ। ଲକ୍ଷ୍ମୀନାରୟଣ ପୂଜା କମିଟି ଆନୁକୂଲ୍ୟରେ କୈବର୍ତ୍ତ୍ୟ ପୂର୍ଣ୍ଣିମାଠାରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ୫ ଦିନଧରି ପାଳିତ ହେଉଥିବା ଏହି ଉତ୍ସବକୁ ଅବିନାଶ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ । ଶିବ ମାଝୀ, ମାନସ ମାଝୀ, ରାଜେଶ ତରେଇ, ଗଣେଶ ମାଝୀ, ଚନ୍ଦ୍ରଶେଖର ମାଝୀ, ଶିବଶଙ୍କର ମାଝୀ, ଜୟନ୍ତ ମାଝୀ, ସୁବ୍ରତ ମାଝୀ, ବୁଲା ମାଝୀ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ଅରୋବିହାର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଉଦଳା, ୨୦/୦୪ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନବ ନିର୍ବାଚିତ ନଗରପାଳ ପ୍ରମିଳା ପଣ୍ଡା ଓ ଉପନଗରପାଳ ଲିଲି ଭୋଳଙ୍କୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣାକେନ୍ଦ୍ର, ଅରୋବିହାର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ମା' ଓ ଶ୍ରୀ ଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ ପରେ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା । ଏହାପରେ ଅରୋବିହାର ପ୍ରତିଷ୍ଠାତା କୁମାର ତ୍ରୀପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ନଗରପାଳ ଓ ଉପନଗରପାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶ୍ରୀକାନ୍ତ ପ୍ରସାଦ ବେହେରା, ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ପବିତ୍ର ମୋହନ ବେହେରା, ଅରୋବିହାରର ସମ୍ପାଦକ ମନୋରଂଜନ ପାଢ଼ୀ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, କୃଷ୍ଣ ଚୈତନ୍ୟ ସଦୁଆଳ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଲଳିତ ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ବକେୟା ଦରମା ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମୀଣ ପାନୀୟଜଳ ପମ୍ପ ଚାଳକଙ୍କ ଗୁହାରି

ବାଲେଶ୍ୱର,୨୦/୦୪ (ନି.ପ୍ର): ଗ୍ରାମୀଣ ପାନୀୟଜଳ ଯୋଗାଣ ପ୍ରକଳ୍ପରେ ପମ୍ପ ଡ୍ରାଇଭର ଭାବେ ଦୀର୍ଘ ୧୫ବର୍ଷ କାର୍ଯ୍ୟକରି ଦରମା ପାଇନଥିବା ରେମୁଣା ବ୍ଲକ ଅନ୍ତର୍ଗତ ପଞ୍ଚାୟତ କର୍ମଚାରୀମାନେ ଜିଲାପାଳଙ୍କଠାରେ ଫୋରାଦ ହୋଇଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ 'ଆଛା'ର ସଭାପତି ବିସ୍ମିତ ଦାସଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରୁ ଗଣେଶ ନାୟକ, ପବିତ୍ର ପାଣିଗ୍ରାହୀ, ପ୍ରଭାତ ଦାସ, ଅମୂଲ୍ୟ ଜେନା, ଅର୍ଜୁନ ସିଂ, ଲକ୍ଷ୍ମଣ ସିଂ, ଉମାକାନ୍ତ ଜେନା, ପଞ୍ଚାନନ ସାହୁ, ରବୀନ୍ଦ୍ର ନାଥ ମହାନ୍ତି, ରାଖାଲ ସିଂ ପ୍ରମୁଖ କର୍ମଚାରୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ବକେୟା ଦରମା ନ ପାଇବା ଯୋଗୁଁ ସେମାନଙ୍କ ପରିବାରର ଦୟନୀୟ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ସରକାରୀ ନିୟମାନୁସାରେ ପ୍ରତ୍ୟେକ କର୍ମଚାରୀଙ୍କର ଦୈନିକ ମଜୁରୀ ହାରରେ ଦରମା ସ୍ଥିର ହୋଇଥିଲେ ବି ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ସେମାନେ ଆରୋପ ଉଠାଇଛନ୍ତି। ଏହାକୁ ନେଇ ସେମାନେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ମଧ୍ୟ ଦାୟର କରିଥିଲେ। ଏହାର ବିଚାର କରି ସମସ୍ତ ପମ୍ପ ଡ୍ରାଇଭରଙ୍କୁ ସ୍ଥିରୀକୃତ ଦରମା ସହ ପ୍ରତ୍ୟେକ ମାସରେ ୪ଟି ଛୁଟି ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟ ବ୍ଲକ କର୍ତ୍ତୃପକ୍ଷଙ୍କୁ ନର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ସତ୍ତ୍ୱେ ୨୦୧୫ ମସିହାରୁ ଏପର୍ଯ୍ୟନ୍ତ ସେମାନଙ୍କ ବକେୟା ଦରମା ପ୍ରଦାନ କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କର୍ମଚାରୀମାନେ କହିଛନ୍ତି। ସେମାନଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦାନ ପାଇଁ କର୍ମଚାରୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

ପରିଚୟ ପାଇଁ ଖବରକାଗଜ ହକରମାନେ ପାଇଲେ କାର୍ଡ଼

ଭଦ୍ରକ, ୨୦/୦୪ (ନି.ପ୍ର): ଖବରକାଗଜ ହକରମାନଙ୍କ ପରିଚୟ ପାଇଁ କାର୍ଡ଼ ପ୍ରଦାନ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୀତ ଯୋଜନାକୁ ଗତ ୨୩-୧୨-୨୧ରେ ମୁଖ୍ୟମନ୍ତ୍ରୀ ଆଭାସି ଜରିଆରେ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ତାଲିକା ଅନୁଯାୟୀ ୨୭୧ ଜଣ ହକରଙ୍କ ପାଇଁ ପ୍ରସ୍ତୁତି ପରିଚୟ ପତ୍ର ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ଆଜି ବଣ୍ଟନ ଆରମ୍ଭ କରାଯାଇଛି । ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କ ଦ୍ୱାରା ଦ୍ୱାରା ଏହି କାର୍ଡ଼ ବଣ୍ଟନ କାର୍ଯ୍ୟକୁ ଶଭାରମ୍ଭ କରାଯାଇଥିଲା । ଏହି କାର୍ଡ଼ ପାଇଁ ହକରମାନେ ଖୁସି ହେବା ସହିତ ଓଡ଼ିଶା ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।

ପାଣି ଲାଗି କଳମା ଗ୍ରାମବାସୀଙ୍କ ରାସ୍ତାରୋକ

ଜଳେଶ୍ୱର, ୨୦/୪ (ନିପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବହ ବୃଦ୍ଧି ପାଉଥିବାରୁ ଜଳସ୍ତର ଦିନକୁ ଦିନ ବଢିବାରେ ଲାଗିଛି । ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ପିଇବା ପାଣି ଉତ୍କଟ ହେବାରେ ଲାଗିଛି । ବିଦ୍ୟୁତ୍ ବିଭାଗର ଘନ ଘନ ବିଦ୍ୟୁତ୍ କାଟ ଫଳରେ ପାଇପ୍ ପାଣି ଯୋଗାଣ ବାଧାପ୍ରାପ୍ତ ହେଉଛି । ଆସନ୍ତା ଦିନରେ ଅଧିକ ଗରମ ହେବାର ସମ୍ଭାବନା ଥିବାରୁ ପ୍ରଶାସନ ଏଥିପ୍ରତି ସଚେତନ ହେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଜଳେଶ୍ୱର କୃଷି ଜିଲାରେ ଚଳିତବର୍ଷ ୧୮ହଜାର ହେକ୍ଟର ଜମିରେ ଧାନଚାଷ ହେବାର କୃଷି ବିଭାଗ ଆକଳନ କରିଥିବା ବେଳେ ପ୍ରାୟ ୨୨ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଇଛି । ଚାଷଜମିକୁ ଗଭିର ନଳକୂପ ଦ୍ୱାରା ଜଳ ସେଚନ କରାଯାଉଛି। ଅଧିକ ସେଚନ ଦ୍ୱାରା ଭୂତଳ ପାଣି ସ୍ତର କମି କମି ଯିବା ଫଳରେ ବହୁ ନଳକୂପ ଅଚଳ ହୋଇଛି । ଜଳେଶ୍ୱର ବ୍ଲକର ରାଇବଣିଆ ପାହାଡିଆ ଅଂଚଳ ଭାବେ ଜଣାଶୁଣା । ଏଠାରେ ଅଧିକ ନଳକୂପ ନ ଥିବାରୁ ଖରାଦିନେ ପିଇବା ପାଣି ସମାସ୍ୟ ଦେଖା ଦେଇଥାଏ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ଗ୍ରାମପଂଚାୟତର ପ୍ରସାଦ ଶୋଳ ଗ୍ରାମର ଆଦିବାସୀ ସାହିରେ ପିଇବା ପାଣି ଲାଗି ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀମାନେ ୨୦୧୫ ମସିହାରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ଗାଁ ସବୁ ଗଡିଆ ପୋଖରି ଶୁଖି ଯାଇଥିବାରୁ ପାଣି ଲାଗି ହନ୍ତସନ୍ତ ହେଉଛନ୍ତି । ବସୁଧା ଯୋଜନାରେ ୨ଟି ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଗୋଟିଏ କାର୍ଯ୍ୟକ୍ଷମ ହୋଇଛି । ମାତ୍ର ସେଠାରୁ ଖୁଣ୍ଟା ଓ କଳମା ଗାଁକୁ ପାଣି ଯୋଗାଣ ହେଉଥିଲେ ମଧ୍ୟ ପ୍ରସାଦଶୋଳ ଆଦିବାସୀ ସାହିକୁ ପାଣି ଯୋଗାଣ ହେଉନଥିବାରୁ ଏହାର ପ୍ରତିବାଦରେ ସେମାନେ ରାସ୍ତାରୋକ କରିଥିଲେ । ରେଣ୍ଟା ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଗରା, ବାଲତି ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସରପଂଚ ସୁବିନିକା ଦତ୍ତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ରାସ୍ତାରୋକ ହଟିଥିଲା ।

ଇଡକୋ ଜମିରୁ ବେଆଇନ ମାଟି ଉତ୍ତୋଳନ

ବାଲିଆପାଳ, ୨୦/୦୪ (ନି.ପ୍ର): ଅଶୀଦଶକରେ ଜାତୀୟ କ୍ଷେପଣାସ୍ତ୍ର ଘାଟୀ ଥଇଥାନ ଯୋଜନାରେ ଆଦର୍ଶ ଗ୍ରାମ ନିଯୁକ୍ତ ବାଲିଆପାଳ ବ୍ଲକ ବାହାବଳପୁର ମୈଜାରେ ଇଡକୋ ପକ୍ଷରୁ ୫୦ ଏକରରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ ହୋଇଥିଲା । ତେବେ କ୍ଷେପଣାସ୍ତ୍ର ଘାଟୀ ଉଠିଯିବା ପରେ ଏହି ଜମି ଗୁଡିକ ଅବ୍ୟବ୍ୟବହୃତ ହୋଇ ପଡିରହିଛି । ଉକ୍ତ ଜମିରୁ କିଛି ମାଟି ମାଫିଆ ଜେସିବିରେ ମାଟି ଖୋଳି ଏହାକୁ ଟ୍ରାକ୍ଟରରେ ବୋହି ନେଇ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି । ଫଳରେ ଜମି ଗୁଡିକ ଏବେ ପୋଖରୀରେ ପରିଣତ ହୋଇଗଲାଣି । ସ୍ଥାନୀୟ ଗ୍ରାମବାସୀ ଏ ବିଷୟରେ ବାଲିଆପାଳ ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନଥିବା କହିଛନ୍ତି । ଏ ବିଷୟରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କ ସହିତ ଯୋଗା ଯୋଗ କରିବାରୁ ଇଡକୋ ପକ୍ଷରୁ ତାଙ୍କୁ ଏ ବାବଦରେ ଅବଗତ କରାଯାଇନଥିବା ସେ କହିଛନ୍ତି । ତେବେ ତୁରନ୍ତ ଏହି ମାଟି ଖୋଳା ବନ୍ଦ କରାନ ଗଲେ ବହୁମୂଲ୍ୟ ବାନ ଜମି ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି ।

ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଔପନ୍ୟାସିକ ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। 'ଅମୃତର ସନ୍ତାନ', 'ମାଟିମଟାଳ', 'ପରଜା', 'ଛାଇଆଲୁଅ' ପରି କାଳଜୟୀ ରଚନା ସହ ନାଟ୍ୟକାର, ଗାଳ୍ପିକ ଏବଂ ମାନବଧର୍ମୀ ଲେଖକ ଭାବେ ଓଡ଼ିଆ ସାହିତ୍ୟ ଜଗତ ପ୍ରତି ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ।

ଉଦଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଉଦଳା, ୨୦/୦୪ (ନି.ପ୍ର): ଉ